Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:35+25 May 2026 (Monday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୩୫+୨୫ ମେ ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ପଶ୍ଚିମରୁ ଉପକୂଳ ସବୁଠି ତାତିର ରାଜୁତି

ରାତି ପାହୁ ପାହୁ ମାଡ଼ିଆସୁଛି ତାତି

ଭୁବନେଶ୍ୱର,୨୪/୫(ନି/ପ୍ର): ଅସହ୍ୟ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଛି ଜନଜୀବନ। ପଶ୍ଚିମରୁ ଉପକୂଳ ସବୁଠି ତାତିର ରାଜୁତି। ତାପମାତ୍ରା କମ୍ ଅଛି କିନ୍ତୁ ଅଧିକ ବାଧୁଛି ଗୁଳୁଗୁଳି। ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ଥିବାରୁ ଝାଳ ବୋହିବା କମୁନି। ଫଳରେ ଅଧିକ ଅସ୍ତବ୍ୟସ୍ତ ଲାଗୁଛି। ଗରମ ସହ ଦିନସାରା ଗୁଳୁଗୁଳି ଯୋଗୁ ଝାଳ ବୋହୁଛି। ଦେହରୁ ଝାଳ ଶୁଖୁନି କହିଲେ ଚଳେ। ଆଉ ଏହି ଗୁଳୁଗୁଳି ହିଁ ଏବେ ଅଧିକ ବିପଦକୁ ଡାକିଆଣୁଛି। ଗରମରେ ପୂରା ରାଜ୍ୟ ଆଉଟୁପାଉଟୁ ହେଉଥିବା ବେଳେ ଆହୁରି ୪ ଦିନ ସନ୍ତୁଳି ହେବେ ଲୋକେ। ଆଜି ପାଇଁ ବଲାଙ୍ଗୀର ସମ୍ବଲପୁର ଓ ଝାରସୁଗୁଡା ଏହି ୩ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହାସହ ଖୋର୍ଦ୍ଧା, କଳାହାଣ୍ଡି, ନୂଆପଡ଼ା ଓ ବୌଦ୍ଧ ଏହି ୪ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ବିଭାଗ। ଉପକୂଳ ଓ ପଶ୍ଚିମ ଓଡ଼ିଶାର ୧୨ ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଙ୍ଗ ଜାରି ହୋଇଛି। ସେପଟେ ସକାଳେ ଖରା ଅପରାହ୍ନରେ କାଳବୈଶାଖୀ ସମ୍ଭାବନା ବେଳେ ୨୫ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। କଳାହାଣ୍ଡି ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଏହି ୬ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିମି ଝଟ୍?କା ପବନ ହେବାର ସମ୍ଭାବନା ଥିବା ବେଳେ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ୧୯ ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୩୦ ରୁ ୪୦ କିମି ଝଟକା ପବନ ହେବାର ସମ୍ଭାବନା ଥିବା ବେଳେ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଆହୁରି ୩ ଦିନ ପର୍ଯ୍ୟନ୍ତ ଅର୍ଥାତ ୨୭ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମର ଏଭଳି ସ୍ଥିତି ଲାଗି ରହିବ। ଏପରିକି କାଳବୈଶାଖୀର ଚେତାବନୀ ଦେଇଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର। ସେପଟେ ଓଡ଼ିଶାରେ ମୌସୁମୀ ଆଗମନର ଗତିପଥ ନେଇ ମଧ୍ୟ ସୂଚନା ମିଳିଛି। ମେ ୨୪ରୁ ମେ ୨୮- ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପ୍ରଚଣ୍ଡ ସୂର୍ଯ୍ୟ କିରଣ ଏବଂ ଶୁଷ୍କ ଉତ୍ତର-ପଶ୍ଚିମା ପବନ ଯୋଗୁଁ ଝାରସୁଗୁଡ଼ା, ସମ୍ବଲପୁର ଏବଂ ବଲାଙ୍ଗୀର ଭଳି ଜିଲ୍ଲାଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା କ୍ରମାଗତ ଭାବେ ୪୩ ଡିଗ୍ରି ରୁ ୪୫ ଡିଗ୍ରି ମଧ୍ୟରେ ରହିବ। ଅନ୍ୟପକ୍ଷରେ ଉପକୂଳବର୍ତ୍ତୀ ଅଂଚଳ ଯେପରିକି ଭୁବନେଶ୍ୱର, କଟକ ଏବଂ ପୁରୀରେ ବାୟୁମଣ୍ଡଳର ତାପମାତ୍ରା ସାମାନ୍ୟ କମ୍ ରହିଲେ ମଧ୍ୟ ଶାରୀରିକ ଅସ୍ୱାଭାବିକତା ଓ ଗୁଳୁଗୁଳି ବହୁତ ଅଧିକ ହେବ। ମେ ୨୯ରୁ ଜୁନ୍ ୪- କାଳବୈଶାଖୀ ଓ ଘଡ଼ଘଡ଼ି ବର୍ଷା ହେବ। ମେ ୨୯ ପରେ ଏହି ପ୍ରବଳ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ଦୁର୍ବଳ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୨ ଡିଗ୍ରିରୁ ୪ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇବ, ତଥାପି ପାଗ ଗରମ ଓ ଗୁଳୁଗୁଳିପୂର୍ଣ୍ଣ ରହିବ। ଜୁନ୍ ୫ରୁ ଜୁନ ? ୧୦- ମୌସୁମୀ ଆସିବା ପାଇଁ ରାସ୍ତା ସୁଗମ ହେବ।

'ସୁପର ଏଲ୍ ନିନୋ'କୁ ନେଇ ସତର୍କବାଣୀ

ଭାରତରେ ଦୁର୍ବଳ ପାଲଟିବ ମୌସୁମୀ

ନୂଆଦିଲ୍ଲୀ,୨୪/୫ : ନିଦାଘ ଗ୍ରୀଷ୍ମର ଏହି ଅସ୍ୱାଭାବିକ ଯନ୍ତ୍ରଣାରୁ ମୁକୁଳିବାକୁ ଦେଶବାସୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ବାଟକୁ ଚାହିଁ ବସିଛନ୍ତି। ଯାହା କି ଜୁନରୁ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୭୦% ବର୍ଷା ଆଣିଥାଏ । ଏଭଳି ସ୍ଥିତିରେ ପାଣିପାଗ ବିଶେଷଜ୍ଞମାନେ 'ସୁପର ଏଲ୍ ନିନୋ'କୁ ନେଇ ସତର୍କବାଣୀ କରିବା ପରେ ଭୟ ଘାରିଛି। ମାଡ଼ିଆସିବ ଭୟଙ୍କର ମରୁଡ଼ି । ଏହା ଚାଷୀ, ଜଳାଶୟ ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାର ସହନଶକ୍ତିର ପରୀକ୍ଷା ନେଇପାରେ ବୋଲି କୁହାଯାଉଛି ।ମୌସୁମୀ କେରଳ ଛୁଇଁବା ବେଳକୁ ଏଲ୍ ନିନୋ ନିଜ ପ୍ରାରମ୍ଭିକ ପର୍ଯ୍ୟାୟରେ ଉପନୀତ ହୋଇପାରେ । ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଘଟଣା । ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗ ସମୁଦ୍ର ପାଣି ସ୍ୱାଭାବିକଠାରୁ ଅଧିକ ଗରମ ହେବା ସ୍ଥିତିରେ ଏହା ହୋଇଥାଏ । ସମୁଦ୍ରର ତାପମାତ୍ରାରେ ଏହି ପରିବର୍ତ୍ତନ ବିଶ୍ୱବ୍ୟାପୀ ବାୟୁ ଓ ପାଣିପାଗ ପଦ୍ଧତିକୁ ପ୍ରଭାବିତ କରିଥାଏ । ଏହାଯୋଗୁ ଅନେକ ଦେଶରେ ପାଣିପାଗ ଅଚାନକ ବଦଳିଯାଏ । କେଉଁଠି ମରୁଡ଼ି ତ କେଉଁଠି ଭୀଷଣ ବର୍ଷା ଏବଂ ବନ୍ୟା ସ୍ଥିତି ଉପୁଜେ ।ଅପରପକ୍ଷରେ, ତେଲଙ୍ଗାନାରେ ୧୬ ମୁଣ୍ଡ ନେଲାଣି ଗ୍ରୀଷ୍ମ ଲହର । ଉତ୍ତର ପ୍ରଦେଶରେପାରା ୪୭ ପାର୍ କରିଛି । ୪୦ରୁ ୪୭ ଡିଗ୍ରୀ ତାପମାତ୍ରାରେ ସିଝୁଛି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ ୧୧ ରାଜ୍ୟ । ତେବେ ତାତିର ଏହି ଭୟାନକ ରୂପ ଏତେଶୀଘ୍ର ଯିବନାହିଁ । ଏହା ପ୍ରଭାବରେ ଆହୁରି ଛଟପଟ ହେବେ ଦେଶବାସୀ । ତାପମାତ୍ରା ବୃଦ୍ଧି ପଛରେ ଯେ 'ଏଲ୍ ନିନୋ'ର ହାତ ରହିଛି, ତାହା ଅଳ୍ପ-ବହୁତେ ଜାଣିଥିବେ । କିନ୍ତୁ ଏଥର 'ସୁପର ଏଲ୍ ନିନୋ' ପ୍ରଭାବରେ ଭାଙ୍ଗିବ ସବୁ ରେକର୍ଡ । ତାପମାତ୍ରା ୧୫୦ ବର୍ଷର ରେକର୍ଡ ଭାଙ୍ଗିବା ନେଇ ବିଶ୍ୱ ପାଣିପାଗ ବିଶେଷଜ୍ଞ ଅନୁମାନ ଲଗାଇଛନ୍ତି ।

ଆନ୍ଧ୍ର, ତେଲେଙ୍ଗାନାରେ ଅଂଶୁଘାତ : ୩୭ ମୃତ

ହାଇଦ୍ରାବାଦ,୨୪/୫: ଦେଶର ଅଧିକାଂଶ ଅଂଚଳରେ ଏବେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଅତି ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ୨ ତେଲୁଗୁ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ସାଂଘାତିକ ଗ୍ରୀଷ୍ମଲହରି ସ୍ଥିତି ଜାରି ରହିଛି। ତେଲେଙ୍ଗାନାର ୧୫ ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରି ଉପରେ ରହିଥିବାବେଳେ କୋଥାଗୁଡ଼େମର ତାପମାତ୍ରା ସର୍ବାଧିକ ୪୬.୩ ଡିଗ୍ରି ସେଲ୍‌ସିୟସ ରହିଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲ୍ଲା ଅଧୀନ କାନୁମୋଲୁ ଗ୍ରାମରେ ତାପମାତ୍ରା ସର୍ବାଧିକ ୪୫.୮ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ୧୩ଟି ଜିଲ୍ଲାରେ ତାପମାତ୍ରା ୪୨ରୁ ୪୬ ଡିଗ୍ରି ମଧ୍ୟରେ ରହିଛି। ଗତ ଶୁକ୍ରବାର କେବଳ ଆନ୍ଧ୍ରପ୍ରଦେଶରେ ୨୧ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବାବେଳେ ସେଥିମଧ୍ୟରୁ ବିଜୟୱାଡ଼ାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲେଙ୍ଗାନା ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ଗ୍ରୀଷ୍ମରେ ୭ ଜିଲ୍ଲାରେ ଅଂଶୁଘାତ ଯୋଗୁ ୧୬ ଜଣଙ୍କର ମୃତ୍ୟୁ ହୋଇଛି। ତେଲେଙ୍ଗାନାର ଜୟଶଙ୍କର ଭୁପାଳପଲ୍ଲୀରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୱାରଙ୍ଗଲ, କରିମନଗର ଏବଂ ନିଜାମାବାଦରେ ୩ ଜଣ ଲେଖାଏଁ ଲୋକଙ୍କର ମୃତ୍ୟୁ ହୋଇଛି। ସେହିପରି ଜୋଗୁଲାମ୍ବା ଗଡ଼ୱାଲ, ରାଙ୍ଗାରେଡ୍ଡି ଏବଂ ସୂର୍ଯ୍ୟପେଟ ଜିଲ୍ଲାରେ ଜଣେ ଲେଖାଏ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ତେଲେଙ୍ଗାନା ସରକାର ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି। ଏହି ଭୟଙ୍କର ଗ୍ରୀଷ୍ମଲହରି ସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀ ପୋଙ୍ଗୁଲେଟି ଶ୍ରୀନିବାସ ରେଡ୍ଡି ଏକ ଜରୁରୀ ସମୀକ୍ଷା ବୈଠକ କରିଛନ୍ତି। ତାପମାତ୍ରା ବଢୁଥିବାରୁ ଏବଂ ଆଇଏମ୍‌ଡି ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ସାଂଘାତିକ ଗ୍ରୀଷ୍ମଲହରି ଜାରି ରହିବା ନେଇ ସତର୍କ କରିଥିବାରୁ ପ୍ରଶାସନ ହାଇ ଆଲର୍ଟରେ ରହିଛି। ଏଭଳି ସ୍ଥିତିରେ ଗର୍ଭବତୀ ମହିଳା, ଶିଶୁ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିବା ଲୋକମାନେ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବାପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମଲହରି ଜାରି ରହିବ ବୋଲି ଆଇଏମ୍‌ଡି ସତର୍କ ସୂଚନା ଜାରି କରିଛି।

ଟ୍ରମ୍ପଙ୍କ ଟାର୍ଗେଟ୍‌ରେ କମେଡିଆନ୍

ଷ୍ଟିଫେନ୍‌ଙ୍କୁ ଅଳିଆ ଗଦାରେ ଫିଙ୍ଗିଲେ ରାଷ୍ଟ୍ରପତି !

ନୂଆଦିଲ୍ଲୀ,୨୪/୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ଏକ ଏଆଇ ଭିଡିଓ ଶେୟାର କରିଛନ୍ତି । ଏଥିରେ ସେ ଜଣେ କମେଡିଆନ୍‌ଙ୍କୁ ଅଳିଆ ଡବା ଭିତରକୁ ଫିଙ୍ଗୁଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ସୋସିଆଲ ମିଡିଆରେ ବିବାଦ ଉପୁଜିଛି । କମେଡିଆନ୍ ଷ୍ଟିଫେନ୍ କୋଲବର୍ଟ ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେଲା ଶତ୍ରୁତା ରହିଛି । କୋଲବର୍ଟ ନିଜ ଶୋ'ରେ ଲଗାତାର ଟ୍ରମ୍ପ୍, ତାଙ୍କ ନୀତି ଓ ମାଗା ଆନ୍ଦୋଳନକୁ ପରିହାସ କରିଆସିଛନ୍ତି । ଟ୍ରମ୍ପ୍ ମଧ୍ୟ ସୋସିଆଲ ମିଡିଆରେ ବାରମ୍ବାର କୋଲବର୍ଟଙ୍କୁ ଟାର୍ଗେଟ୍ କରିଚାଲିଛନ୍ତି । ଗତ ଶୁକ୍ରବାର କୋଲବର୍ଟ ପ୍ରାୟ ୧୧ ବର୍ଷ ପରେ ସିବିଏସ୍‌ର 'ଦ ଲେଟ୍ ଶୋ'ରୁ ବିଦାୟ ନେଲେ । ଏହା ଶେଷ ହେବା ମାତ୍ରେ ଟ୍ରମ୍ପ୍ ଏକ ଏଆଇ ଭିଡିଓ ଶେୟାର କଲେ । ଏଥିରେ ସେ କମେଡିଆନ୍ କୋଲବର୍ଟଙ୍କୁ ଘୋସାଡ଼ି ଅଳିଆ ଡବାରେ ଫିଙ୍ଗିଛନ୍ତି ଏବଂ ତା'ପରେ ନିଜର ପ୍ରସିଦ୍ଧ ନୃତ୍ୟ କରୁଛନ୍ତି । ଏହି ସମୟରେ ପ୍ରଚ୍ଛଦରେ 'ୱାଇଏମ୍‌ସିଏ' ଗୀତ ବାଜୁଛି । 'ଦ ଲେଟ୍ ଶୋ' ବନ୍ଦ ହେବା ବିଷୟରେ ସିବିଏସ୍ କହିଛି, ଆର୍ଥିକ କାରଣ ଯୋଗୁ ଏହାକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି । କିନ୍ତୁ କିଛି କହୁଛନ୍ତି, ଏହା ପଛରେ ରାଜନୈତିକ ଚାପ ଥାଇପାରେ ।

ବିଜୟଙ୍କୁ ବିରାଟଙ୍କ ଅଟୋଗ୍ରାଫ୍ ଥିବା ବ୍ୟାଟ୍ ଉପହାର

ଚେନ୍ନଇ,୨୪/୫: ନିକଟରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ସି. ଜୋସେଫ୍ ବିଜୟ। ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କୁ ଏକ ବିଶେଷ ଉପହାର ମିଳିଛି। ଭାରତୀୟ କ୍ରିକେଟ୍ ତାରକା ବିରାଟ କୋହଲିଙ୍କ ଅଟୋଗ୍ରାଫ୍ ଥିବା ଏକ ବ୍ୟାଟ୍ ବିଜୟଙ୍କୁ ଉପହାର ଭାବେ ମିଳିଛି। ମୁଖ୍ୟମନ୍ତ୍ରୀ ବିଜୟ ଏହି ବ୍ୟାଟ୍ ଧରିଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ବିରାଟଙ୍କ ବ୍ୟାଟ୍‌ର ପ୍ରାୟୋଜକ ଏମ୍‌ଆରଏଫ୍‌ର ଅଧିକାରୀ ଏହି ବ୍ୟାଟ୍ ବିଜୟଙ୍କୁ ପ୍ରଦାନ କରିଥିଲେ। ବିଜୟ ଏକ ସ୍ୱତନ୍ତ୍ର

ଭାରତ-ବାଂଲାଦେଶ ସୀମାରେ ପ୍ରବଳ ଉତ୍ତେଜନା

ମେଖଲିଗଞ୍ଜରେ ବାଡ଼ ନିର୍ମାଣକୁ ବିରୋଧ କଲା ବିଜିବି

କୁଚବିହାର/ମେଖଲିଗଞ୍ଜ,୨୪/୫: ପାକିସ୍ତାନର ଅନୁପ୍ରେରଣାରେ ଭାରତ ବିରୋଧରେ ସୀମାପାର ଆତଙ୍କବାଦ ଏବଂ ଉତ୍ତେଜନା ବୃଦ୍ଧି କରିବା ପରେ ଏବେ ବାଂଲାଦେଶ ମଧ୍ୟ ସେହି ସମାନ ପଥ ଅନୁସରଣ କରି ଭାରତ ସହିତ ବିବାଦ ବଢ଼ାଇବାକୁ ଚେଷ୍ଟା କରୁଛି। ଗତ ମେ' ୨୨ ତାରିଖରେ ପଶ୍ଚିମବଙ୍ଗର ସୁଭେନ୍ଦୁ ସରକାର ସୀମାରେ ନିର୍ମାଣ ପାଇଁ ଜମି ମାପ ଚାଲିଥିବା ସମୟରେ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି)ର ସୈନିକମାନେ ସେଠାରେ ପହଚିଂ ଭାରତୀୟ ସୀମାରୁ ନିର୍ମାଣ ଦଳକୁ ହଟାଇବାକୁ ଏବଂ କାର୍ଯ୍ୟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ବ୍ୟାପକ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦୁଇ

କାଟାଂବାଡ଼ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିବା ନେଇ ନିଷ୍ପତି ନେବାର ମାତ୍ର ୨୪ ଘଟାଂ ମଧ୍ୟରେ ବାଂଲାଦେଶ ଏହାକୁ ତୀବ୍ର ବିରୋଧ କରିବା ଆରମ୍ଭ କରିଛି। ପଶ୍ଚିମବଙ୍ଗର ଅତି ସମ୍ବେଦନଶୀଳ ମେଖଲିଗଞ୍ଜ ସୀମାରେ ବିଏସଏଫ୍ ପକ୍ଷରୁ ବାଡ଼ ଦେଶର ସୀମାରକ୍ଷୀଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ଦେଖି ସ୍ଥାନୀୟ ଲୋକଙ୍କର ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଅଣାୟତ ହେବା ଦେଖି ବିଏସଏଫର ବୀର ଯବାନମାନେ ତୁରନ୍ତ ନିଜର ରାଇଫଲ୍ ଧରି ଦୃଢ଼ତାର ସହ ଠିଆ ହୋଇଥିଲେ।

ପୋଖରୀରେ ବୁଡି ୨ ଛାତ୍ର ମୃତ

ବ୍ରହ୍ମପୁର,୨୪/୫(ନି/ପ୍ର) :ବ୍ରହ୍ମପୁର ସହର ଅଙ୍କୁଲି ନୂଆସାହି ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇ ୨ ଜଣ ନାବାଳକ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଆୟୋଧ୍ୟାନଗର ୨ୟ ଲାଇନର ବିଶ୍ୱଜିତ ପଣ୍ଡା(୧୬) ଓ ଖୋଡାସିଂର ଅଭିଜିତ ମାରାଣ୍ଡି(୧୬) । ଆଜି ଉଭୟ ଏହି ପୋଖରୀକୁ ପହଁରା ଶିଖିବାକୁ ଆସିଥିଲେ । ଗଭୀର ପାଣିରେ ଉଭୟ ବୁଡ଼ି ଯାଇଥିଲେ । ଏହା ଦେଖି ପୋଖରୀ ନିକଟରେ ଥିବା ଲୋକମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ର ଆଗ୍ନିକ ମାନେ ପହଁଚି ଅଣ୍ଡର ୱାଟର ବିଏ ସେଟ୍ ଦ୍ୱାରା ଉଭୟଙ୍କୁ ପାଣି ଭିତରୁ ଖୋଜି ବାହାର କରିଥିଲେ । ଉଭୟଙ୍କୁ ତୁରନ୍ତ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ବିଶ୍ୱଜିତ୍ ଓ ଅଭିଜିତଙ୍କୁ ମୃତ ଘୋଷଣା କରିଥିଲେ ।

ଇରାନ ସହିତ ଡିଲ୍ ନେଇ ଟ୍ରମ୍ପଙ୍କ ବଡ଼ ଘୋଷଣା:

ଖୋଲିବ ହର୍ମୁଜ୍: ତେହେରାନ କହିଲା ଆମର ନିୟନ୍ତ୍ରଣ ରହିବ

ୱାସିଂଟନ,୨୪/୫: ଆମେରିକା ଏବଂ ଇରାନ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ବ୍ୟାପକ ଚୁକ୍ତିର ନିକଟତର ହୋଇଛନ୍ତି। ଶନିବାର ଏହି ସୂଚନା ଦେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ବ୍ୟାପକ ଚୁକ୍ତିନାମା ପ୍ରାୟତଃ ଚୂଡ଼ାନ୍ତ ହୋଇସାରିଛି। ଟ୍ରମ୍ପ କହିଛନ୍ତି ଏହି ଚୁକ୍ତିନାମାରେ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଚୁକ୍ତିନାମା ପ୍ରାୟତଃ ଚୂଡ଼ାନ୍ତ ହୋଇଛି। ଆମେରିକା, ଇରାନ ଏବଂ ଅନ୍ୟାନ୍ୟ ଅନେକ ଦେଶ ମଧ୍ୟରେ ଚୂଡ଼ାନ୍ତ ହେବା ବାକି ଅଛି। କତାର,ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ପାକିସ୍ତାନ, ଜୋର୍ଡାନ, ମିଶର, ତୁର୍କୀ ଏବଂ ବାହାରିନର ନେତା ଏବଂ ଅଧିକାରୀଙ୍କ ସହିତ ଫୋନ୍‌ରେ କଥାବାର୍ତ୍ତା କରିବା ପରେ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ସେ ଫୋନ୍‌ରେ ପୃଥକ ଭାବରେ କଥାବାର୍ତ୍ତା ହୋଇଛନ୍ତି। ଚୂଡ଼ାନ୍ତ ହେଉଥିବା ବୁଝାମଣାପତ୍ରର ଡ୍ରାଫ୍ଟ କାର୍ଯ୍ୟକାରୀ ହେଲେ, ଇରାନ ସହିତ ଶତ୍ରୁତା ସମାପ୍ତ ହେବ, ଧୀରେ ଧୀରେ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲାଯିବ ଏବଂ ଇରାନ ବନ୍ଦରଗୁଡ଼ିକ ଉପରୁ ଆମେରିକା ନୌସେନା ଅବରୋଧ ଉଠିବ। ତେବେ,ଇରାନର ସରକାରୀ ଗଣମାଧ୍ୟମ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଟ୍ରମ୍ପଙ୍କ ବିବୃତିକୁ ମିଥ୍ୟା ବୋଲି କହି ଖଣ୍ଡନ କରିଛି। ଫାର୍ସ ନ୍ୟୁଜ୍ ଏହି ବିବୃତି ସହିତ ଅସହମତ ହୋଇ କହିଛି ଯେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ପ୍ରସ୍ତାବର ସଦ୍ୟତମ ଡ୍ରାଫ୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ଇରାନ ନିୟନ୍ତ୍ରଣରେ ରହିବ। ଫାର୍ସ ନ୍ୟୁଜ୍ କହିଛି, ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ବିଷୟରେ ଟ୍ରମ୍ପଙ୍କ ଦାବି ସତ୍ୟ ନୁହେଁ। ଏହା ବାସ୍ତବ ସ୍ଥିତି ସହିତ ସାମଞ୍ଜସ୍ୟ ରଖୁନାହିଁ। ଯଦିଓ ଇରାନ ଯୁଦ୍ଧ ପୂର୍ବ ସ୍ତରକୁ ଜାହାଜ ସଂଖ୍ୟା ଫେରାଇ ଆଣିବାକୁ ଅନୁମୋଦନ କରିଛି, ଏହାର ଅର୍ଥ ଏହା ନୁହେଁ ଯେ ଯୁଦ୍ଧ ପୂର୍ବ ପରି ସ୍ଥିତି ସ୍ୱାଭାବିକ ରହିବ।

ପଶ୍ଚିମବାଡ ବଜାରରେ ୨୦ରୁ ଉର୍ଦ୍ଧ୍ୱ ଦୋକାନ ଘର ପୋଡ଼ିପାଉଁଶ

କୋଟିଏ ଟଙ୍କାରୁ ଅଧିକ ସାମଗ୍ରୀ ଜଳିଗଲା

ଜଳେଶ୍ୱର,୨୪/୫ (ନି/ପ୍ର): ଜଳେଶ୍ୱର ବ୍ଲକ ଅଧୀନସ୍ଥ ପଶ୍ଚିମବାଡ ବଜାରରେ ଆଜି ଭୋର ସମୟରେ ଅଗ୍ନିକାଣ୍ଡଘଟି ୨୦ରୁ ଉର୍ଦ୍ଧ୍ୱ ଦୋକାନ ଘର ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନଥିବା ବେଳେ କୋଟିଏ ଟଙ୍କାର କ୍ଷତି ହୋଇଥିବା କୁହା ଯାଇଛି। ଆଜି ଭୋର ସାଢେ ୩ ଟା ସମୟରେ ପଶ୍ଚିମବାଡ ଗୋଠଣା ହାଟ ବଜାରରେ ଥିବା କେତେକ ଦୋକାନ ଉପରେ ନିଆଁ ଓ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ସମ୍ପୃକ୍ତ ବ୍ୟବସାୟୀମାନେ ସେଠାରେ ପହଚିଂ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ ଅଗ୍ନିଶମ ଗାଡ଼ି ଆସିବା ବେଳକୁ ପାଖାପାଖି ୨୦ ଟି ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ମୋଟ କ୍ଷତିର ପରିମାଣ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। କ୍ଷତିଗ୍ରସ୍ତ ଦୋକାନୀମାନେ ହେଲେ ପ୍ରମୋଥ ଦାସ (ବହି),ବାପୁଜୀ ଦାସ(ପ୍ଲାଷ୍ଟିକ ସାମଗ୍ରୀ),ମନୁ ରାଉଳ(କପଡ଼ା),ସାଗର ଅଣ୍ଡିଆ (ଏସବିଆଇ କିଓସ୍କ ଶାଖା,ଶ୍ରୀକାନ୍ତ ରାଉଳ,ଗୌରାଙ୍ଗ ନନ୍ଦୀ (କପଡା),ନନୀ ଗୋପାଳ ଅଣ୍ଡିଆ (ମୋବାଇଲ ଓ ଭିଡ଼ିଓ ଏଡିଟିଂ ସପ୍),ସେକ ରମାଜାନ,ସୁଶାନ୍ତ ଧଳ (ଲୁଗା ଦୋକାନ),ରବିନ୍ଦ୍ର ବାରିକ,ରମା ବାରିକ(ସେଲୁନ, ନାରାୟଣ ଜ୍ୟୋତି (ଭେରାଇଟି ଷ୍ଟୋର ଓ ବେଡି ଫୁଡ୍),ଜୀବନ ଦାସ(ଲୁଗା,ଅରବିନ୍ଦ ଦାସ(ବହି ଦୌଡି),ଝାଡେଶ୍ୱର ସାହୁ (ଭେରାଇଟି) ସତ୍ୟରଞ୍ଜନ ସାହୁ (ବିଦ୍ୟୁତ ସରଞ୍ଜାମ),ସଚ୍ଚିନ୍ଦ୍ର ନାଥ ଗିରି(ଟେଲର)। ଏହି ବ୍ୟବସାୟୀଙ୍କ ମଧ୍ୟରୁ ୫ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ରହିଛନ୍ତି ଯେଉଁମାନଙ୍କର ୫ ଲକ୍ଷରୁ ୧୦ ଲକ୍ଷ ଲେଖାଏଁ ଟଙ୍କାର କ୍ଷତି ହୋଇଛି। ସେହିପରି ଲୋକଙ୍କ ତତ୍ପରତା ଯୋଗୁଁ ଉକ୍ତ ୨୦ ଦୋକାନକୁ ଲାଗିଥିବା ଅନ୍ୟ ଦୋକାନଗୁଡ଼ିକ ରକ୍ଷା ପାଇଯାଇଛି। ଫଳରେ ଆହୁରି ବଡ ଅଘଟଣରୁ ରକ୍ଷା ମିଳିଛି। କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ଦେବାକୁ ସମାଜସେବୀ ପ୍ରଦୀପ ମହାନ୍ତି,ସରପଚଂ ଶମ୍ଭୁନାଥ ଜେନା,ସମିତି ସଦସ୍ୟ ହରିଶ୍ଚନ୍ଦ୍ର ମହାଳିକ,ଶାନ୍ତନୁ ଦାସ,ଅଚିନ୍ତ କୁମାର ଦାସ ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ଦୋକାନୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ କରିହେବ କିନାହିଁ ତର୍ଜମା କରାଯାଉଛି।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶିବ ବିବାହ ଉତ୍ସବ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ
ଜୁନ୍ ୧୯ରେ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି

ଭଦ୍ରକ,୨୪/୫(ନି/ପ୍ର): ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ ତାରିଖରେ ବୈଦିକ ରୀତିନୀତି ଓ ଲୋକାଚାର ମଧ୍ୟରେ ଆୟୋଜିତ ହେବ। ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧ୍ୟକ୍ଷ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସପି ମନୋଜ ରାଉତ, ଏଏସପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତୀ, ମନ୍ଦିର ଟ୍ରଷ୍ଟସଭ୍ୟ ତଥା କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ ପାଢୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ଶ୍ରୀ ଶିବ ବିବାହ ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜ୍ୟେଷ୍ଠ ମାସ ମଳମାସ ହୋଇଥିବାରୁ ଏକମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇନଥାଏ। ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଂଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି। ଏଥିପାଇଁ ଜୁନ୍ ୧୮ରେ ମଙ୍ଗଳପାଗ ନୀତି ଅନୁଷ୍ଠିତ ହେବ। ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତୀଙ୍କ ଦ୍ୱାରା ଉତ୍ସବ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରାରମ୍ଭିକ ଅଭିଭାଷଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେବାୟତ ବିଜୟ କୁମାର ଦାସ ଶିବ ବିବାହ ଉତ୍ସବ ଦିନର ନୀତିକାନ୍ତି ଓ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବ୍ୟବସ୍ଥା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ପରିଚାଳନା ସହ ବିଭିନ୍ନ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନେଇ ଭକ୍ତମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ ବି ଗୁରୁତ୍ୱ ଦିଆଯାଇଥିଲା। ପରିବେଶ ସୁରକ୍ଷା ଦୃଷ୍ଟିରୁ ବାଣ ଫୁଟା କାର୍ଯ୍ୟକ୍ରମରେ ସବୁଜ ବାଣ ବ୍ୟବହାର କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଏହାଛଡ଼ା ଶିବ ବିବାହ ଉତ୍ସବରେ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ବ୍ୟୟ ଅଟକଳ ଓ କିଛି ସେବାୟତଙ୍କ ଦ୍ୱାରା ଭୁଲ ପରିଚୟ ଦେଖାଇ ଗର୍ଭଗୃହ ମଧ୍ୟକୁ ପ୍ରବେଶ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଶିବବିବାହ ମହୋତ୍ସବକୁ ଦୃଷ୍ଟିରେ ରଖି ପୀଠରେ ଦୁଇଦିନ ଧରି ନିରବିଚ୍ଛିନ୍ନ ବିଦ୍ୟୁତ ସେବା, ପାନୀୟଜଳ ଯୋଗାଣ, ୨୪ ଘଂଟିଆ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିବାହ ଉତ୍ସବର ବରଧରା ଓ ବରାନୁଗମନ ଶୋଭାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଜିଲାର ଲୋକବାଦ୍ୟ ଓ ଲୋକନୃତ୍ୟ ଦଳଙ୍କୁ ଅଗ୍ରିମ ବରାଦ ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଶୋଭାଯାତ୍ରାରେ ବିଭିନ୍ନ ଲୋକନୃତ୍ୟ ଦଳ ଯୋଗାଇ ଦେବା ପାଇଁ ଜିଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା।

ନୂତନ ଶିଶୁ ମଙ୍ଗଳ ସମିତି ଗଠନ ସମ୍ପର୍କିତ ବିଜ୍ଞପ୍ତି ସ୍ଥଗିତ
ପୂର୍ବ କମିଟି ଜାରି ରଖିବ କାର୍ଯ୍ୟ

କେନ୍ଦୁଝର,୨୪/୫(ନି/ପ୍ର): କେନ୍ଦୁଝର ଜିଲ୍ଲା ଶିଶୁ ମଙ୍ଗଳ ସମିତି ଗଠନକୁ ନେଇ ଚାଲୁଥିବା ଆଇନଗତ ପ୍ରକ୍ରିୟା ମଧ୍ୟରେ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି। ବିଭାଗ ଜଣାଇଛି ଯେ, ନୂତନ ଶିଶୁ କଲ୍ୟାଣ ସମିତି ଗଠନ ସମ୍ବନ୍ଧୀୟ ନୋଟିଫିକେଶନ୍‌କୁ ଅସ୍ଥାୟୀଭାବେ ସ୍ଥଗିତ ରଖାଯାଇଥିବାବେଳେ ବର୍ତ୍ତମାନର ସମିତି ତାଙ୍କ କାର୍ଯ୍ୟ ଜାରି ରଖିବ। ବିଭାଗ ପକ୍ଷରୁ ୧୯ ମେ ୨୦୨୬ ରେ ଜାରି ହୋଇଥିବା ନୋଟିଫିକେଶନ୍ ନଂ ୧୧୩୫୯/ ଡଉଉ ଅନୁଯାୟୀ କେନ୍ଦୁଝର ଜିଲ୍ଲା ପାଇଁ ତିନି ବର୍ଷ ନିମନ୍ତେ ଏକ ନୂତନ ଶିଶୁ କଲ୍ୟାଣ ସମିତି ଗଠନ କରାଯାଇଥିଲା। ତେବେ ପ୍ରକାଶିତ ବିଜ୍ଞପ୍ତିରେ ଓଡିଶା ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ଡ.ଚ.(ଉ) ଘକ୍ଟ. ୧୨୭୫୯ ଲ୍ଲ ୨୦୨୬ ମାମଲାର ଅନ୍ତିମ ରାୟ ଉପରେ ନିର୍ଭରଶୀଳ ରହିବ ବୋଲି ସେଥିରେ ସ୍ପଷ୍ଟ କରାଯାଇଥିଲା। ପରେ, ୨୧ ମେ ୨୦୨୬ ରେ ବିଭାଗ ପକ୍ଷରୁ ଜାରି ହୋଇଥିବା ପତ୍ର ସଂଖ୍ୟା ୧୧୪୫୭ ମାଧ୍ୟମରେ ଅବଗତ କରାଯାଇଥିଲା ଯେ, ଉକ୍ତ ରିଟ୍ ପିଟିସନ୍‌ର ଶୁଣାଣି ଚାଲିଥିବାରୁ ୧୯.୦୫.୨୦୨୬ ର ନୋଟିଫିକେଶନ୍‌କୁ ପରବର୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହା ସହିତ, ବିଭାଗ ୨୧ ମେ ୨୦୨୬ ରେ ଜାରି କରିଥିବା ବିଜ୍ଞପ୍ତି ସଂଖ୍ୟା ୧୧୪୬୮ ଅନୁଯାୟୀ, ବର୍ତ୍ତମାନର କେନ୍ଦୁଝର ଶିଶୁ କଲ୍ୟାଣ ସମିତିର କାର୍ଯ୍ୟକାଳ ମିଆଦ ୧୨.୦୫.୨୦୨୬ ଠାରୁ ଆଉ ଗୋଟିଏ ମାସ କିମ୍ବା ନୂତନ ସମିତି ଗଠନ ହେବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଭାଗର ଏହି ସ୍ପଷ୍ଟୀକରଣ ପରେ ଏହା ସ୍ପଷ୍ଟ ହୋଇଛି ଯେ, ୧୯ ମଇରେ ଘୋଷିତ ନୂତନ ସମିତି ପରବର୍ତୀ ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ଏବଂ ଶିଶୁ ସୁରକ୍ଷା ଓ କଲ୍ୟାଣ ସେବାରେ ଯେପରି କୌଣସି ବ୍ୟାହତ ନହୁଏ ସେଥିପାଇଁ ବର୍ତମାନର ସମିତି ଅସ୍ଥାୟୀଭାବେ କାର୍ଯ୍ୟ ଜାରି ରଖିବ।

ଗରମ-ଗୁଳୁଗୁଳିରେ ଆଉଟୁପାଉଟୁ ଘୁମୁସର ଉଦୟଗିରିବାସୀ

ଘୁ.ଉଦୟଗିରି,୨୪/୫(ନି/ପ୍ର): ଜଙ୍ଗଲ ପାହାଡ଼ ଘେରା କନ୍ଧମାଳଜିଲ୍ଲା। ଚାରି ଦିଗକୁ ଆଖି ବଢ଼େଇଲେ ବିସ୍ତୀର୍ଣ୍ଣ ଘଂଚ ଜଙ୍ଗଲ, ପାହାଡ଼ ପର୍ବତ। ଥଣ୍ଡା ପରିବେଶ। ପ୍ରବଳ ଥଣ୍ଡା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ଜିଲ୍ଲାରେ ଚାଡି ଚଳିତ ଗ୍ରୀଷ୍ମ ଋତୁରେ ଅସହ୍ୟ କଲାଣି। ତାପମାତ୍ରା ବଢ଼ିବା ସାଙ୍ଗକୁ ଗୁଳୁଗୁଳି। ବର୍ଷା ନାହିଁ, ପାଣି ପାଇଁ ତହଳ ବିକଳ ସାଧାରଣ ଜନତା। ଅନ୍ୟପଟେ ବିଦ୍ୟୁତର ଲୁଚକାଳି ଖେଳ ସମସ୍ୟା ଗରମ ଗୁଳୁଗୁଳିକୁ ଦ୍ୱିଗୁଣିତ କରିଦେଉଛି। ଲୋ ଭୋଲଟେଜ ସମସ୍ୟା ଯୋଗୁ ଫ୍ୟାନ୍ ଧୀରେଧୀରେ ବୁଲିବା ଦେହର ଝାଳ ଶୁଖାଇବାରେ ଅକ୍ଷମ। କହିବାକୁ ଗଲେ ଶୀତର ସହରରେ ଅସହ୍ୟ ତାତି ଅନୁଭବ କରୁଛନ୍ତି ଘୁମୁସର ଉଦୟଗିରିବାସୀ। ଯେଉଁ ସହରରେ କିଛି ମାସ ତଳେ ତାପାମାତ୍ରା ୫ଡିଗ୍ରି ତଳକୁ ଖସିଯାଇଥିଲା, ସେଠାରେ ଏବେ ପାରଦ ୩୮ଡିଗ୍ରି ନିକଟତର ହୋଇଛି। ସାରା ରାତି ଗରମ ଯୋଗୁଁ ସହରବାସୀ ଆଉଟୁ ପାଉଟୁ ହେଇ ଘର ବାରଣ୍ଡାରେ ତ ଛାତ ଉପରେ ଚକର କାଟୁଛନ୍ତି। ପାଣି ସମସ୍ୟା ଗୁରୁତର ହେବାରେ ଲାଗିଲାଣି। ନଈ, ନାଳ, କୂଅ ଶୁଖିଗଲାଣି। ଜନସ୍ୱାସ୍ଥ୍ୟ ବିଭାଗ ଯୋଗଉ ଥିବା ପାନୀୟ ଜଳ କଥା ନ କହିବା ଭଲ। ସହରକୁ ଦିନ ଗୋଟେ ବେଳେ ଜଳଯୋଗାଣ ହେଉଛି। ଟାଣ ଖରାରେ ପାଇପରୁ ପାଣି ବୋହୁଛନ୍ତି ଗୃହିଣୀମାନେ। ବିଭାଗୀୟ ଅଧିକାରୀଙ୍କ ସମୟ ଜ୍ଞାନ ଅଭାବ ଯୋଗୁଁ ଟୋପାଏ ପିଇବା ପାଣି ପାଇଁ ଦୁର୍ଦଶା ଭୋଗୁଛନ୍ତି ନିରୀହ ସହରବାସୀ। ସକାଳ ଦଶଟା ହେଲେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଜଙ୍ଗଲ କ୍ଷୟ ବର୍ଷାର ଅଭାବ ଜଳବାୟୁରେ ପରିବର୍ତନ ଭଳି କିଛି ସମସ୍ୟା ଯୋଗୁ ଦିନକୁ ଦିନ ତାତି ବଢୁଛି। ଏଥିରୁ ମୁକ୍ତି ପାଇବା ନିନାନ୍ତେ ବ୍ୟାପକ ବୃକ୍ଷରୋପଣ ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ ରହିଥିବା ସ୍ଥାନୀୟ ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ୩୭ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଦୁଇ ଦିନ ହେଲା ଅସହ୍ୟ ଗରମ ଗୁଳୁଗୁଳି ଅସ୍ତବ୍ୟସ୍ତ କରିଦେଇଛି। ସ୍ଥାନୀୟ ଆଂଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ସୂଚନାନୁସାରେ ୧୫ତାରିଖ ଦିନ ୩୫ଡିଗ୍ରି ସର୍ବୋଚ୍ଚ ତାପମାତ୍ରା ଥିବା ବେଳେ ଆଜି ୩୭.୪ଡିଗ୍ରି ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାର ତାତି ଭଳି ସ୍ଥାନୀୟ ଅଚଂଳର ତାତି ରହୁଛି। ସ୍ଥାନୀୟ ଅଚଂଳରୁ ଥଣ୍ଡା ପବନ ଉଭେଇ ଯାଇଛି। ଏଣୁ ଗରମ

ଅଧିକ ଅନୁଭବ ହେଉଛି। ଯେଉଁ ଅଚଂଳ ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଚିହ୍ନଟ ହୋଇଥିଲା, ସେଠି ଏବେ ଗରମ ରାଜୁତି କରୁଛି। ଏହିଭଳି ପରିସ୍ଥିତିରେ ଘୁ.ଉଦୟଗିରି ସହରର ମୁଖ୍ୟ ସଡ଼କକଡ଼ରେ ବ୍ୟାପକ ବୃକ୍ଷରୋପଣ କରାଯିବାକୁ ମତ ପ୍ରକାଶ ପାଇଛି। ଏନଏସି କର୍ତ୍ତୃପକ୍ଷ ଚଳିତ ବର୍ଷ ବର୍ଷାଋତୁରେ ସହରରେ ଦୀର୍ଘ ୫କିମି ମୁଖ୍ୟ ରାସ୍ତାକଡ଼ରେ ପଦାସାହି ଠାରୁ ବନ୍ଧ ଛକ, ବନ୍ଧଛକ ଠାରୁ କନବାଗେରି, ଚକରା ବିଶୋଇ ଛକ ଠାରୁ କଳିଙ୍ଗ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବ୍ୟାପକ ବୃକ୍ଷରୋପଣ କରି ସହରରେ ବଢୁଥିବା ତାତି କମେଇବାରେ ସହାୟକ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

ବ୍ଲକ ସଭାପତି ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ଭବ୍ୟ ସମ୍ବର୍ଦ୍ଧନା:
ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ନଦେଲେ କ୍ରାନ୍ତି ହେବ- ନରସିଂହ

ବଲାଙ୍ଗିର,୨୪/୫(ନି/ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ଆମ ନାରୀ ସମାଜର ଭାବାବେଗ ସହ ଖେଳୁଛନ୍ତି। ପୂର୍ବରୁ ମହିଳା ସଂରକ୍ଷଣ ବିଲ ପାରିତ ହୋଇସାରିଥିଲେ ହେଁ କଂଗ୍ରେସ ଦଳକୁ ବଦନାମ କରିବାପାଇଁ ଡବଲ ଇଂଜିନ ବିଜେପି ସରକାର ମିଥ୍ୟା ପ୍ରଚାର କରୁଛି। କିନ୍ତୁ ଦେଶ ତଥା ନାରୀ ସମାଜ ଏମାନଙ୍କ କୁମ୍ଭୀର କାନ୍ଦଣାକୁ ଠିକ୍ ବୁଝି ସାରିଛନ୍ତି। ନାରୀ ସଶକ୍ତିକରଣର ଦ୍ୱାହି ଦେଉଥିବା ବିଜେପି ସରକାର ଖୋଦ ନାରୀଙ୍କୁ ନିର୍ଯ୍ୟାତନା ଦେଉଛି। ରାଜ୍ୟରେ ୨ ବର୍ଷର ବିଜେପି ସରକାରରେ ମହିଳାଙ୍କୁ ସମ୍ମାନ ଦେବା ବଦଳରେ ନାରୀ ନିର୍ଯ୍ୟାତନା ନିର୍ଯାତନା ସୀମା ଟପି ଗଲାଣି। ତେଣୁ ରାଜ୍ୟ ବିଜେପି ସରକାର ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ପ୍ରଦାନରେ ଅବହେଳା ଜାରୀ ରହିଲେ ଆଗାମୀ ଦିନରେ ଏକ ବଡ ଧରଣର କ୍ରାନ୍ତି ନିଶ୍ଚିତ ହେବ ବୋଲି ଆଜି ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରି ଠାରେ ଆୟୋଜିତ ନବ ନିଯୁକ୍ତ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସମାବେଶରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ, ବିଜେପି ସରକାର ଅମଳରେ ମହିଳାଙ୍କ ସମେତ ଛାତ୍ର, ଯୁବକ, କୃଷକ, ଶ୍ରମିକ ସମସ୍ତେ ଅବହେଳିତ ଓ ନିର୍ଯ୍ୟାତିତ। ଯଦି ସମାଜରେ ଶାନ୍ତି ଓ ପ୍ରଗତି ଦରକାର ତେବେ ନାରୀ ସମାଜ ଏକତ୍ରିତ ହୋଇ କ୍ରାନ୍ତି ମାଧ୍ୟମରେ ଏହି ଲୋକବିରୋଧୀ ଉଭୟ ସରକାରଙ୍କୁ ଉଚିତ ଜବାବ ଦିଅନ୍ତୁ ବୋଲି କହିଥିଲେ କ୍ଷ ମଂଚାସୀନ ଥିବା ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବ୍ଲକ କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ କହିଥିଲେ, ଭଉଣୀ ସୂର୍ଯ୍ୟକାନ୍ତି ଏ ଅଂଚଳର ଅବହେଳିତ ଓ ମହିଳାଙ୍କ ସ୍ୱାର୍ଥ ପାଇଁ ଜାରୀ ରଖିଥିବା ଲଢେଇ ସମଗ୍ର ଅଂଚଳବାସୀଙ୍କୁ ଜଣା। ତାଙ୍କ ନେତୃତ୍ୱରେ ଦେଓଗାଁ ଅଂଚଳର ମା ମାନେ ନିଶ୍ଚିତ ଭାବେ ସୁରକ୍ଷିତ ରହିବା ସହ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶରେ ଏକ ଦୃଷ୍ଟାନ୍ତ ମୂଳକ ଭାଗିଦାରୀ ରଖିବେ।

ଅନୁଗୋଳ ବ୍ଲକ ବାରଗୌଣିଆ ପଚାଂୟତ କଂଗ୍ରେସ କର୍ମୀ ବୈଠକ

ଅନୁଗୋଳ,୨୪।୫(ନି/ପ୍ର): ଅନୁଗୋଳ ବ୍ଲକ କଂଗ୍ରେସ ପକ୍ଷରୁ ବାରଗୌଣିଆ ପଚାଂୟତ କଂଗ୍ରେସର କର୍ମୀ ବୈଠକ ବାରଗୌଣିଆ ମାଆ ପାଣ୍ଡରିଶୁଣୀଙ୍କ ପ୍ରାଙ୍ଗଣରେ ଥିବା ଆମ୍ବତୋଟାଠାରେ ବ୍ଲକ ସଭାପତି ରାକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ ପଚାଂୟତ ସ୍ତରରେ କଂଗ୍ରେସ କର୍ମୀମାନଙ୍କୁ ସୁସଂଗଠିତ କରି ପ୍ରତ୍ୟେକ ୱାର୍ଡ଼ ଓ ବୁଥସ୍ତରରେ ସଂଗଠନକୁ ସୁଦୃଢ କରିବା ପାଇଁ ପ୍ରଥମେ ପଚାଂୟତ କମିଟି ଗଠନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଏକ ତିନି ଜଣିଆ କମିଟି ଗଠନ ହୋଇଥିଲା। ପଚାଂୟତର କଂଗ୍ରେସ ନେତା ଅମର ପ୍ରଧାନଙ୍କୁ ସଭାପତି, ନରେଶ ସାହୁ ଓ ବବୃବାହାନ ନାହାକଙ୍କୁ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ଯୁବକମାନଙ୍କୁ ବିଶେଷ ଭାବେ କ୍ରିୟାଶୀଳ କରି ସେମାନଙ୍କୁ ମୁଖ୍ୟଶ୍ରୋତକୁ ଆଣିବା ଆଜି ବୈଠକର ମୁଳ ଉଦ୍ଦେଶ୍ୟ ବୋଲି ସଭାପତି ପ୍ରକାଶ କରିଥିଲେ। ପଚାଂୟତ ସଭାପତି ଓ ସମ୍ପାଦକ ପ୍ରତ୍ୟେକ ବୁଥ ଓ ୱାର୍ଡ କମିଟି କର୍ମୀମାନଙ୍କ ବୈଠକ ମାଧ୍ୟମରେ ଗଠନ କରିବେ ଓ ବ୍ଲକ କଂଗ୍ରେସ ସଭାପତିଙ୍କୁ ମଧ୍ୟ ବୈଠକରେ ସାମିଲ କରିବା ପାଇଁ ସ୍ଥିର ହୋଇଛି। ଆଜିର ଏହି କର୍ମୀ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ମିଡିଆ ପ୍ୟାନେଲିଷ୍ଟ ରୂପାଦୀପ୍ତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଗାମୀ ପଚାଂୟତରେ କଂଗ୍ରେସ ଦଳକୁ ମଜଭୁତ କରିବା ସହ ଦଳକୁ ଆଗାମୀ ଦିନରେ ସୁଦୃଢ କରିବାକୁ ସମସ୍ତ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପସଭାପତି ସୌଭାଗ୍ୟ ବିଶ୍ୱାଳ, ସାଧାରଣ ସମ୍ପାଦକ ଆଲୋକ ଦେହୁରୀ, ସଂପାଦକ ଚନ୍ଦ୍ରକାନ୍ତ ପ୍ରଧାନ ଓ ଉପେନ୍ଦ୍ର ଦେହୁରୀ, ଛକୁଡି ଦେହୁରୀ, ଚିନ୍ମରଞ୍ଜନ ସାହୁ, ବଳରାମ ସାହୁ, କଟିଂଆ ମହାରଣା, ଅଧିକାରୀ ଦେହୁରୀ, ଗଗନ ନାଏକ, କାଳିଆ ସାହୁ, ଦେବରାଜ ସାହୁ, ସୁଭମ ନାହାକ, ଦିଲ୍ଲୀପ ଭୋଇ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ପାଣି ପାଇଁ ତହଲ ବିକଳ କାଶୀପାଳ ଗ୍ରାମବାସୀ

ଚମ୍ପୁଆ, ୨୪/୫(ନି/ପ୍ର): ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନଙ୍କ ଅବହେଳା ପାଇଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି। ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଂଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଥିଲେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଂଚିତ ହେଉଛନ୍ତି ଲୋକେ। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଶୀପାଳ ପଂଚାୟତ କାଶୀପାଳ ଗ୍ରାମର ନୂଆସାହି, ଶଙ୍ଖାସାହି ଓ ବଣସାହିରେ। ଏହି ତିନୋଟି ସାହିରେ ଥିବା ଶତାଧିକ ପରିବାରକୁ ଗୁଲୁଦୀପସୀ ଗ୍ରାମରେ ଥିବା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ହୋଇଛି। ପାଇପ ସଂଯୋଗ ହେବା ପରେ କିଛି ଦିନ ପାଣି ମଧ୍ୟ ଠିକଠାକ ଚାଲିଥିଲା। କିନ୍ତୁ ଗତ ପ୍ରାୟ ୭ମାସରୁ ଉର୍ଦ୍ଧ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯିବାରୁ ଟୋପାଏ ପିଇବା ପାଣି ପାଇଁ ତହଲ ବିକଳ ହେଉଛନ୍ତି ସାହି ବାସିନ୍ଦା। ପାଣି ସଂଯୋଗ ବିଛିନ୍ନ ହେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀ କେହି ଗୁରୁତ୍ୱ ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପାଣି ଯୋଗାଣ ବନ୍ଦ ହେବା ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତିନି ସାହି ବାସୀନ୍ଦା। ଏହି ନୂଆସାହିରେ ପ୍ରାୟ ୧୦୦ପରିବାର, ଶଙ୍ଖାସାହିରେ ୬୦ପରିବାର ଓ ବଣସାହିରେ ପ୍ରାୟ ୧୦ପରିବାର ପାଣି ଯୋଗାଣରୁ ବଂଚିତ ହେବା ଫଳରେ ପିଇବା ପାଣି ଟୋପାଏ ପାଇଁ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସାହିର ପାଣି ସମସ୍ୟା ଦୂର କରିବାକୁ ଦାବୀ ହେଉଛି।

ଦିଗହରା ମୋ ପୋଖରୀ ୫୦ କୋଟି ପାଣିରେ !
ଖୋଳା ହୋଇଛି ୩୪୬୧, ଗୋଟିଏ ବି କାମରେ ଆସୁନି

ମାଲକାନଗିରି,୨୪/୫(ନି/ପ୍ର): ପଡ଼ିଆ ବ୍ଲକ୍ କସାଗୁଡ଼ା ଗାଁର ଚାଷୀ ମାଙ୍ଗି ମାଡ଼ୀ ଓ ମାସା ମାଡ଼ୀ। ଉଭୟଙ୍କର ୨ ଏକର ଲେଖାଏଁ ଜମି ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଜଳ ବିଭାଜିକା ବିଭାଗ ମୋ ପୋଖରୀ ଯୋଜନାରେ ଉଭୟଙ୍କୁ ସାମିଲ କରିଥିଲା। କିନ୍ତୁ ଚାଷୀଙ୍କ ବଦଳରେ ବିଭାଗୀୟ କର୍ତ୍ତୃପକ୍ଷ ମେସିନ୍ ଲଗାଇ ପୋଖରୀ ଖୋଳିଦେଲେ। ୧୦ ଫୁଟ ଗଭୀର ପୋଖରୀରେ ଏବେ ଟୋପାଏ ପାଣି ନାହିଁ। ସ୍ଥାନ ଚୟନରେ ତ୍ରୁଟି କାରଣରୁ ପୋଖରୀରେ ପାଣି ରହୁନଥିବାରୁ ନା ଜମିକୁ ପାଣି ମାଡୁଛି, ନା ହେଉଛି ମାଛ ଚାଷ। ସେହିପରି କାଲତାପାଲୀ ଗାଁର ଚାଷୀ ଗଙ୍ଗାଧର କାବାସୀ ଓ ମାସା ମାଡାକାମୀ। ଗଙ୍ଗାଧରଙ୍କ ୩ ଏକର ଜମି ଅଛି। କିନ୍ତୁ ପୋଖରୀ ଖୋଳିବା ପୂର୍ବରୁ ବିଭାଗୀୟ କର୍ତୃପକ୍ଷ କୌଣସି ଆଲୋଚନା କରିନଥିଲେ। ଫଳରେ ଗଙ୍ଗାଧର ପୋଖରୀରେ କେଉଁ ମାଛ ଚାଷ କରିବେ ଏବଂ ସରକାରଙ୍କଠାରୁ କ'ଣ ସହାୟତା ପାଇବେ ସେ ନେଇ କିଛି ଜାଣିନାହାନ୍ତି। ମାଲକାନଗିରି ଜିଲ୍ଲାରେ ମୋ ପୋଖରୀ ଯୋଜନାରେ ହୋଇଥିବା ବଡ଼ ଦୁର୍ନୀତିର ଇଏ ଗୋଟିଏ ଗୋଟିଏ ପ୍ରମାଣ। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଜିଲ୍ଲାରେ

୩୪୬୧ଟି ପୋଖରୀ ଖୋଳା ଯାଇଥିବା ବେଳେ ଗୋଟିଏ ବି ଚାଷୀଙ୍କ କାମରେ ଆସୁନଥିବା ଅଭିଯୋଗ କରିଛନ୍ତି ଚାଷୀ। ତରବରିଆ ଭାବେ ଜାଗା ଚିହ୍ନଟ, ମେସିନ୍‌ରେ ପୋଖରୀ ଖୋଳା ଯୋଗୁଁ ଚାଷୀ ତ ଉପକୃତ ହେଲେନି, କିନ୍ତୁ ଏହି ଯୋଜନାରୁ ବେଶ୍ ଲାଭବାନ୍ ହୋଇଛନ୍ତି ସରକାରୀ ବାବୁ। ବ୍ୟାପକ ଦୁର୍ନୀତି କାରଣରୁ ଗତ ୨ବର୍ଷ ହେବ ମାଲକାନଗିରି ଜିଲ୍ଲାରେ ମୋ ପୋଖରୀ ଯୋଜନା ବନ୍ଦ ରହିଛି। ଏହା ପୂର୍ବରୁ ଗତ ୩ ବର୍ଷରେ ନିର୍ମାଣ ହୋଇଥିବା ୩୪୬୧ଟି ପୋଖରୀରୁ ହିତାଧିକାରୀ ଓ ଚାଷୀ କୌଣସି ଫାଇଦା ପାଇନାହାନ୍ତି। ବିଭାଗୀୟ ରିପୋର୍ଟ ମୁତାବକ, ୨୦୨୨-୨୩ରେ ୯୮୯ଟି ପୋଖରୀ ଖୋଳା ବାବଦରେ ଖର୍ଚ୍ଚ ହୋଇଛି।

ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୪/୫(ନି/ପ୍ର): ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାକୁ ଅସମର୍ଥ ଓ ବିଜେପି ସରକାର ବିରୋଧରେ କଟାଂବାଞ୍ଜି ଜିଆର ପେଲେସ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ତଥା ବିଜେଡି ନେତ୍ରୀ ନିରୁପମା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନାରୀ ଅଧିକାର ଅଭିଯାନ ସଭାରେ ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ ମେହେର, ପୂର୍ବତନ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ, କଟାଂବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ଯୁବ ନେତା ଗିରିରାଜ ସିଂ ମାଝୀ, ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାର ବାରିକ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଗୋପା ମାହାନନ୍ଦ, ବଲାଙ୍ଗୀର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ବିଜେଡ଼ି ନେତ୍ରୀ ପିଙ୍କି ଖର୍ସେଲଙ୍କ ସହ ବିଜେଡିର ବରିଷ୍ଠ ମହିଳା ନାରୀ ନେତ୍ରୀମାନେ ଉପସ୍ଥିତ ଥିଲେ। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏହାକୁ ନିୟନ୍ତ୍ରଣ କରିବାରେ ବିଜେପି ସରକାର ବିଫଳ ହୋଇଥିବା ଅଭିଯୋଗ କରି ବିଜେଡି କର୍ମୀ ଓ ମହିଳା ନେତ୍ରୀମାନେ ପ୍ରତିବାଦ ସଭା କରିଥିଲେ। କଟାଂବାଞ୍ଜି ସହରରେ ବିଜେଡିର ଶତାଧିକ କର୍ମୀ ଓ ମହିଳା ସମର୍ଥକମାନେ ଏକତ୍ରିତ ହୋଇ ସ୍ଥାନୀୟ ଜିଆର ପେଲେସ ଠାରୁ ରାଲି କରିଥିଲେ। ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ନାରୀଙ୍କ ସୁରକ୍ଷା ଦେବାରେ ସରକାର ସଂପୂର୍ଣ୍ଣ ବିଫଳ ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ନାରୀ ସୁରକ୍ଷା ନେଇ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡି ପକ୍ଷରୁ ସଚେତନ କରାଯାଇଛି। ପରେ ଶୋଭାଯାତ୍ରା କଂଟାବାଞ୍ଜି ଏନଏସି ଅଫିସ ପହଂଚିବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଛବି ପୋଡ଼ଙ୍କ ଜରିଆରେ ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଆଶାଦୁଲା ଖାଁ, ଉଦ୍ଧବ ବେହେରା, ଦୈତାରୀ ଭୋଇ, ଦେବରାଜ ଯାଦବ, ଆଶିଷ ବେହେରା, ରାଜେନ୍ଦ୍ର ଦୀପ, ଲିଙ୍ଗରାଜ ସୁନା, ବିଷ୍ଣୁ କୁଏଡଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।



ବିବିଧା

ରାଶିଫଳ

ମେଷ: ଅଚାନକ ଖୁସି ଖବର ପାଇବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦୀର୍ଘ ଦିନର ଆଶା ପୂରଣ ହେବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

ବୃଷ: କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ । ପରିବାର ସହିତ ସମୟ ଅତିବାହିତ କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

ମିଥୁନ: ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଅସ୍ଥିର ଘଡ କରି ସମସ୍ୟାରେ ପଡ଼ିପାରନ୍ତି । ବିଦ୍ୟାର୍ଥୀଙ୍କ ସହ ଅଧିକ ସମୟ ବିତାଇବେ । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

କର୍କଟ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ପାରିବାରିକ ଜୀବନ ସୁଖମୟ ହେବ ।

ସିଂହ: ବ୍ୟବସାୟରୁ କ୍ଷତି ସହିପାରନ୍ତି । ପୈତୃକ ସମ୍ପତ୍ତିକୁ ନେଇ ବାଦ ବିବାଦ ଦେଖା ଦେଇପାରେ । ଧୈର୍ଯ୍ୟ ରଖି ଚାଲନ୍ତୁ । ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ । ବ୍ୟବହାରରେ ସଂଯତତା ରକ୍ଷା କରିବେ ।

କନ୍ୟା: ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ପରିବାର ସଦସ୍ୟଙ୍କ ସହ ଖୁସିର ସମୟ ବିତାଇବେ । ଯାନବାହନ ଚଳାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

ତୁଳା: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଆଶା କରିଥିବା ଦିଗରୁ ଧନ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନୂତନ ଜମି କିଣି ପାରନ୍ତି । ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ ।

ବିଛା: ପିଲାମାନଙ୍କ ସହିତ ସମୟ ବିତାଇବେ । ଚିନ୍ତା ମୁକ୍ତ ହେବେ । ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ହେବେ । ହାତେ ମାପି ନାକକୁ ଚାଲନ୍ତୁ । ଅମିତ୍ ସହକର୍ମୀଙ୍କ ସହଯୋଗ ମିଳିପାରେ ।

ଧନୁ: ବିନା କାରଣରେ ଉଦାସ ରହିପାରନ୍ତି । ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ଯୋଗ ରହିଛି । ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ ।

ମକର: ନୂତନ କାମରେ ଯୋଗ ଦେଇପାରନ୍ତି । ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି । ଦୀର୍ଘ ଦିନରୁ ଲାଗିରହିଥିବା ବିବାଦର ସମାଧାନ ହେବ । ଉଧାର ଟଙ୍କା ଫେରିପାଇବେ ।

କୁମ୍ଭ: ଗର୍ଭବତୀ ମହିଳା ସତର୍କ ରୁହନ୍ତୁ । ବନ୍ଧୁଙ୍କୁ ଉଧାର ଦେଇପାରନ୍ତି । ସମୟର ସଦୁପଯୋଗ କରନ୍ତୁ । ପଡୋଶୀଙ୍କ ସହିତ ସୁସମ୍ପର୍କ ରହିବ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

ମୀନ: ବିଚାରଧାରାକୁ ସକାରାତ୍ମକ ରଖନ୍ତୁ । ଦାନ ଧର୍ମ କରନ୍ତୁ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଧର୍ମପତ୍ନୀଙ୍କୁ ଦାମୀ ଉପହାର ଦେବେ ।

ଆଜିର ଇତିହାସ

- ୧୯୧୫- ଇଟାଲୀ ଅଷ୍ଟ୍ରିଆ ହଙ୍ଗେରୀ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୪୮- ଏୟାର ଇଣ୍ଡିଆ ଇଣ୍ଟରନ୍ୟାସନାଲର ସ୍ଥାପନା ।
- ୧୯୫୧- ଭାରତର ପ୍ରସିଦ୍ଧ ତବଲା ବାଦକ ଉସ୍ତାଦ ଜାକିର ହୁସେନ୍‌ଙ୍କ ଜନ୍ମ ।
- ୧୯୭୩- ଉତ୍ତର ଆୟରଲ୍ୟାଣ୍ଡରେ ହୋଇଥିବା ଏକ ଜନମତ ସଂଗ୍ରହରେ ଜନତା ବ୍ରିଟେନ ସହିତ ରହିବା ସପକ୍ଷରେ ଭୋଟ ଦେଲେ ।

ଡିଜିଟାଲ ସନ୍‌ସେଟ୍

ଆଜିକାଲିର ଯୁବପିଢ଼ିଙ୍କ ଅଧାରୁ ଅଧିକ ସମୟ ମୋବାଇଲ, ଲାପଟପ୍‌ରେ ଅତିବାହିତ ହେଉଛି । ତେବେ ଏହି ଅଭ୍ୟାସକୁ ନେଇ ଜେନ୍ ଜେଡ୍‌ଙ୍କ ମଧ୍ୟରେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଭାଇରାଲ ହେଉଛି । ଯାହାକୁ ଡିଜିଟାଲ ସନ୍‌ସେଟ୍ ବୋଲି କୁହାଯାଉଛି । ଏହା ଏକ ସାଧାରଣ ଟ୍ରେଣ୍ଡ ନୁହେଁ, ବରଂ ଏହାକୁ ସ୍ୱାସ୍ଥ୍ୟକର ଜୀବନ ପ୍ରତି ବଢ଼ୁଥିବା ଏକ ଛୋଟ ତଥା ପ୍ରଭାବଶାଳୀ ପଦକ୍ଷେପ ବୋଲି କୁହାଯାଇ ପାରିବ । ବିଶେଷକରି କର୍ମଜୀବୀ ଏବଂ କଲେଜ ଛାତ୍ରଛାତ୍ରୀ ଏହି ଧାରାକୁ ଆପଣାଉଥିବାର ଦେଖାଯାଉଛି । ଏହାଦ୍ୱାରା ପରିବାର ସହିତ ଅଧିକ ସମୟ ଅତିବାହିତ କରିହେଉଛି ଏବଂ ଲୋକେ ନିଜ ପାଇଁ ବି ସମୟ ବାହାର କରିପାରୁଛନ୍ତି । ରାତିରେ ଶୋଇବାର କିଛି ଘଣ୍ଟା ପୂର୍ବରୁ ମୋବାଇଲ, ଲାପଟପ୍, ଟିଭି ଆଦିର ସ୍କ୍ରିନ୍‌କୁ ବନ୍ଦ କରିବାକୁ ଡିଜିଟାଲ ସନ୍‌ସେଟ୍ କୁହାଯାଉଛି । ଏହାଦ୍ୱାରା ମସ୍ତିଷ୍କକୁ ଆରାମ ମିଳିବା ସହ ନିଦର ଗୁଣବତ୍ତାରେ ଉନ୍ନତି ଘଟୁଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଜେନ୍‌ଜେଡ୍ ଏହାକୁ ଅନୁସରଣ କରି ଅବସାଦ କମ୍ କରିବା ଏବଂ ନିଜକୁ ଶାରୀରିକସ୍ତରରେ ଅଧିକ ସକ୍ରିୟ କରିବାକୁ ଚେଷ୍ଟା କରୁଛନ୍ତି । ଯେଉଁମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରିଲ୍ସ ଦେଖୁଛନ୍ତି, ଏହି ଟ୍ରେଣ୍ଡ ସେମାନଙ୍କଠାରେ ବହୁଳ ଭାବେ ଲୋକପ୍ରିୟ ହେବାରେ ଲାଗିଛି । ତେବେ ଏହି ଟ୍ରେଣ୍ଡ ଯୋଗୁଁ ଲୋକେ ଶୋଇବାର ଘଣ୍ଟାଏ ତଥା ଦୁଇ ଘଣ୍ଟା ପୂର୍ବରୁ ଫୋନ୍ ସାଇଲେଣ୍ଟ କରିକି ଦୂରରେ ରଖନ୍ତି । ଏହି ସମୟରେ କିଛି ଲୋକ ବହି ପଢ଼ିବା ସହିତ ଆଉ କିଏ ଧ୍ୟାନ, ପ୍ରାଣାୟାମ ଆଦି କରିଥାନ୍ତି । କେହିକେହି ଗୀତ ଶୁଣିବା ତଥା ପରିବାର ସହିତ ସମୟ ଅତିବାହିତ କରିବାକୁ ପସନ୍ଦ କରିଥାନ୍ତି । ଏହାଦ୍ୱାରା ଲୋକେ ବେଶ୍ ଆରାମରେ ଶୋଇଥିବା କହୁଛନ୍ତି । ଏହା ସହ ଅନେକ ଯୁବପିଢ଼ି ଏନେଇ ନିଜ ଅନୁଭୂତି ସାମାଜିକ ଗଣମାଧ୍ୟମରେ ସେୟାର୍ ମଧ୍ୟ କରିଛନ୍ତି । ଏହି ଟ୍ରେଣ୍ଡକୁ ଆପଣାଇ ସେମାନେ ଶୀଘ୍ର ଶୋଇବା ସହ ସକାଳୁ ଉଠିବା ପରେ ବେଶ୍ ସତେଜ ଅନୁଭବ କରୁଥିବା କହିଛନ୍ତି । ଏହା କେବଳ ନିଦ ପାଇଁ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ଲାଗି ଉପକାରୀ ବୋଲି କୁହାଯାଉଛି ।

‘ରାମାୟଣ’ ଲିକ୍ ହେଲା ରଣବୀରଙ୍କ ଲୁକ୍

ନୀତେଶ ତିୱାରିଙ୍କ ଫିଲ୍ମ ‘ରାମାୟଣ’କୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି । ଏଥିରେ ରଣବୀର କପୁର (ଭଗବାନ ରାମଙ୍କ ଭୂମିକାରେ), ସାଇପଲ୍ଲବୀ (ମାତା ସୀତାଙ୍କ ଭୂମିକାରେ) ଓ ୟଶ (ରାବଣ ଭୂମିକାରେ) ନଜର ଆସିବେ । ଇତିମଧ୍ୟରେ ‘ରାମାୟଣ’ ସେଟ୍‌ରୁ କିଛି ଫଟୋ ଲିକ୍ ହୋଇଛି । ଏହି ଫଟୋଗୁଡ଼ିକରେ ରଣବୀର ଲମ୍ବା କେଶ ସହ ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଛନ୍ତି । ସେ ଏକ ଧୋତି ଉପରେ ଲାଲରଙ୍ଗର ଲଙ୍ଗ୍ ଜ୍ୟାକେଟ୍ ପିନ୍ଧିଥିବାବେଳେ ମଥାରେ ତିଳକ ଲଗାଇଛନ୍ତି । ତେବେ ରଣବୀରଙ୍କ ଲୁକ୍‌କୁ ଦର୍ଶକେ ଏତେଟା ପସନ୍ଦ କରିନାହାନ୍ତି । ଏଭଳି ଲୁକ୍ ଟିଭି ଶୋ'ଗୁଡ଼ିକରେ ଦେଖିବାକୁ ମିଳିଥାଏ ବୋଲି ଅନେକ ଏଥିରେ ପ୍ରତିକ୍ରିୟା ରଖିଛନ୍ତି । ସେହିପରି ଆଉ କେହି କେହି ୪୦୦୦ କୋଟିର ଫିଲ୍ମରେ ପ୍ରଯୋଜକ କଳାକାରଙ୍କୁ ୪୦୦ ଟଙ୍କାର ଵିଗ୍ ପିନ୍ଧାଇ କାମ ଚଳାଉଥିବା କହିଛନ୍ତି । କିଛି ଲୋକ ଏହା ଦ୍ୱିତୀୟ ‘ଆଦିପୁରୁଷ’ ବୋଲି ମତ ଦେଇଛନ୍ତି । ‘ରାମାୟଣ’କୁ ଭାରତର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି । ଏହା ଦୁଇଟି ପାର୍ଟରେ ଆସିବ । ଏହାର ପ୍ରଥମ ପାର୍ଟ ଏଇ ବର୍ଷ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଦୀପାବଳି ଅବସରରେ ଆସିବ ।

୫-୫ ମିଟର ଲମ୍ବା ଚକଲେଟ୍ ଟ୍ରେନ୍

ଚକଲେଟ୍‌କୁ ନେଇ ଅନେକ ସମୟରେ କଳାକୃତିମାନ ତିଆରି ହୋଇଛି । ଏହି କ୍ରମରେ ଇଟାଲୀରେ ନିର୍ମିତ ୫-୫.୨୭ ମିଟର ଲମ୍ବା ଏକ ଚକଲେଟ୍ ଟ୍ରେନ୍ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି । ଏହାକୁ ମାସ୍ଟର ପେଷ୍ଟ୍ରି ସେଫ୍ ଆଣ୍ଡ୍ରେ ପଟ୍ରୁଚିୟା ନିର୍ମାଣ କରିଛନ୍ତି । ସେ ଏହାକୁ ମାଷ୍ଟ୍ରୋ ଏବଂ ଇଟାଲୀର ପାକ କଳା ଛାତ୍ରଙ୍କ ସହ ମିଶି ପ୍ରସ୍ତୁତ କରିଛନ୍ତି । ଆଣ୍ଡ୍ରେ ଏହି ବିଶାଳକାୟ ଚକୋଲେଟ୍ ଟ୍ରେନ୍‌ଟିକୁ ୩୦୦୦ କେଜି ବେଲିଜିୟମ୍ ଚକଲେଟ୍‌ରୁ ପ୍ରସ୍ତୁତ କରିଥିଲେ । ଜାନୁୟାରୀ ୨୬ରେ ଇଟାଲୀର ମିଲାନରେ ଏହାକୁ ପ୍ରଦର୍ଶନ କରାଯାଇଥିଲା । ଚକଲେଟ୍‌ରେ ନିର୍ମିତ ଏହି ଟ୍ରେନ୍‌ର ସମ୍ମୁଖ ଭାଗ ଆଉଟଡୋର ବାଷ୍ପଚାଳିତ ଇଞ୍ଜିନ୍ ଭଳି ହୋଇଛି । ଏଥିରେ ଗୋଟିଏ ଇଞ୍ଜିନ୍ ସହ ୨୭ଟି ବଗି ରହିଛି । ଏନେଇ ଆଣ୍ଡ୍ରେଙ୍କ କହିବା କଥା, ଏଥିରେ ୯୫% ଚକଲେଟ୍ ଓ ମାତ୍ର ୫% ମୋଲ୍ଡ ବ୍ୟବହାର କରାଯାଇଛି । ଏହାକୁ ଅଧିକ ଟ୍ରେନ୍‌ର ରୂପ ଦେବା ଲାଗି ରେଳଧାରଣାଗୁଡ଼ିକ ମଧ୍ୟ ଚକଲେଟ୍‌ରେ ନିର୍ମାଣ କରାଯାଇଥିଲା । ବଗି ମଧ୍ୟରେ ଯାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଚେୟାରଗୁଡ଼ିକ ନିର୍ମାଣ କରିବା ପାଇଁ ତାଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ହୋଇଥିଲା ବୋଲି ଆଣ୍ଡ୍ରେ କହିଛନ୍ତି ।

ସ୍ୱସ୍ତି

ଅକ୍ଷତର ମହତ୍ତ୍ୱ

ଦେବୀ ଦେବତାଙ୍କ ପୂଜା ହେଉ ଅବା ପିତୃପୁରୁଷଙ୍କ ପିଣ୍ଡଦାନ କିମ୍ବା ମଥାରେ ତିଳକ ଲଗାଇବା ତଥା ବିବାହ ଭଳି ମାଙ୍ଗଳିକ କାର୍ଯ୍ୟ ଆଦି ସମସ୍ତ ଧର୍ମ କର୍ମ ଚାଉଳ ବିନା ଅଧୁରା । ଚାଉଳକୁ ଅକ୍ଷତ କୁହାଯାଏ । ଅକ୍ଷତର ଅର୍ଥ ଯାହା ଭାଙ୍ଗି ନ ଥିବ । ପୂଜାପାଠରେ ଭଗବାନଙ୍କୁ ଚାଉଳ ଅର୍ପଣ କରି ଭକ୍ତ ପ୍ରାର୍ଥନା କରନ୍ତି । ପୂଜା ପ୍ରାରମ୍ଭରେ ସଂକଳ୍ପ ନେବା ସମୟରେ ହାତରେ ଚାଉଳ ରଖାଯାଏ ।

- ପୂଜାରେ ସିନ୍ଦୁର, ଚନ୍ଦନ, ଫୁଲ ଆଦିରେ ଚାଉଳ ରଖିବା ପରମ୍ପରା ରହିଛି ।
- ମଥାରେ ତିଳକ ସମୟରେ ଚାଉଳ ଲଗାଯାଏ ।
- ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେବା ସମୟରେ ଲୋଟା ପାଣିରେ ଚାଉଳ ପକାଯାଏ ।
- ମାନ୍ୟତା ଅଛି ଚାଉଳ ଦାନ ଦ୍ୱାରା ଆଜୀବନ ଶୁଭଫଳ ପ୍ରଦାନ ମିଳିଥାଏ ।
- ମଙ୍ଗଳ ଗ୍ରହ ପୂଜାରେ ଚାଉଳର ବ୍ୟବହାର ବିଶେଷ ଭାବେ କରାଯାଏ ।
- ତିଳକ ସମୟରେ ଚାଉଳ ଲଗାଇବାର ଅର୍ଥ ହେଉଛି ଘର-ପରିବାର ଓ ସମାଜରେ ମାନସମ୍ମାନ ସହିତ ସଫଳତା ମିଳେ । ଏହାବାଦ୍ ଚାଉଳ ଯେଭଳି ଦୀର୍ଘାୟୁ ଠିକ୍ ସେହିପରି ଜଣଙ୍କ ମଥାରେ ତିଳକରେ ଅକ୍ଷତ ଲଗାଇ ଜଣକ ଦୀର୍ଘାୟୁ କାମନା କରାଯାଏ ।

ପର୍ସରେ ଠାକୁରଙ୍କ ଫଟୋ ରଖୁଥିଲେ...

ଧାର୍ମିକ ମାନ୍ୟତାନୁସାରେ, ବାସ୍ତୁ ନିୟମ ପାଳନ କଲେ ଜୀବନରେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ । ପର୍ସରେ କିଛି ଲୋକ ବାପା ମାଆଙ୍କ ଫଟୋ ରଖନ୍ତି ତ ଆଉ କିଏ ଦେବୀ ଦେବତାଙ୍କ ଫଟୋ । ତେବେ ବାସ୍ତୁ ନିୟମ ଅନୁସାରେ ପର୍ସରେ ଠାକୁରଙ୍କ ଫଟୋ ରଖିବା ଉଚିତ କି ଅନୁଚିତ, ସେ ସମ୍ପର୍କରେ ଜାଣିବା ।

- ବାସ୍ତୁ ନିୟମ ଅନୁସାରେ, ପର୍ସରେ ଦେବୀ ଦେବତାଙ୍କ ଫଟୋ ରଖିବା ଠିକ୍ ନୁହେଁ । ପର୍ସରେ ଦେବୀ ଦେବତାଙ୍କ ଫଟୋ ରଖୁଥିଲେ ଜୀବନରେ ଆର୍ଥିକ ସମସ୍ୟା ଦେଖା ଦେଇପାରେ ।
- ତେବେ ଏହାକୁ ନ ରଖିବା ପଛରେ କାରଣ ଅଛି । କୁହାଯାଏ ଦେବୀ ଦେବତାଙ୍କ ଫଟୋ ନ ରଖିବାର କାରଣ ହେଉଛି, ପର୍ସକୁ ଅଲଗା ଅଲଗା ସ୍ଥାନରେ ରଖାଯାଏ । ଦେବୀ ଦେବତାଙ୍କୁ କୌଣସି ଗୋଟିଏ ସ୍ଥାନରେ ସ୍ଥାପନ କରି ତାଙ୍କ ପୂଜା କରିବା ଉଚିତ ।
- ଦେବୀ ଦେବତାଙ୍କ ଫଟୋ ସ୍ଥାନରେ ମୟୂର ପୁଚ୍ଛ, ଅକ୍ଷତ, ଶ୍ରୀଯନ୍ତ୍ର ଆଦି ରଖିପାରିବେ । ଏସବୁ ରଖିବା ଦ୍ୱାରା ଆର୍ଥିକ ଉନ୍ନତି ହୁଏ ।
- ବାସ୍ତୁ ଅନୁସାରେ ପର୍ସର ରଙ୍ଗ ମଧ୍ୟ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଏ । ତେଣୁ କିଛି ରଙ୍ଗ ଏମିତି ଅଛି, ଯାହାଠୁ ଦୂରତ୍ୱ ରକ୍ଷା କରିବା ଉଚିତ । କେବେ ବି କଳା ଓ ନାଲି ରଙ୍ଗ ପର୍ସ ରଖିବା ଅନୁଚିତ । ଏହି ରଙ୍ଗ ପର୍ସ ରଖିବା ଦ୍ୱାରା ଆର୍ଥିକ ସ୍ଥିତି ଖରାପ ହୁଏ ।
- ଯେବେ ପର୍ସରେ ଦେବୀ ଦେବତାଙ୍କ ଫଟୋ ରଖିଥିଲେ କିମ୍ବା ଏହାକୁ ବାହାର କରିବାକୁ ଚାହୁଁଥିଲେ ଫଟୋକୁ ମନ୍ଦିର ତଥା କୌଣସି ଜଳରେ ପ୍ରବାହିତ କରନ୍ତୁ ।

ଘରେ ଶଙ୍ଖ ରଖିବା ଶୁଭ

ଶାସ୍ତ୍ରରେ ଶଙ୍ଖର ମହତ୍ତ୍ୱ ଖୁବ୍ ବେଶି । କୌଣସି ଶୁଭକାର୍ଯ୍ୟର ପ୍ରାରମ୍ଭ ଶଙ୍ଖ ବାଦନରୁ ହୋଇଥାଏ । ବାସ୍ତୁ ଶାସ୍ତ୍ରରେ ଶଙ୍ଖକୁ ଖୁବ୍ ପବିତ୍ର ଓ ପ୍ରଭାବଶାଳୀ ବୋଲି କୁହାଯାଇଛି । ଘରେ ଶଙ୍ଖ ରଖିଲେ କେବଳ ସକାରାତ୍ମକ ଶକ୍ତି ନୁହେଁ, ବରଂ ଧନ, ସୁଖ ସମୃଦ୍ଧିର ପଥ ମଧ୍ୟ ଉନ୍ମୁକ୍ତ ହୁଏ । ସେହିପରି ଶାସ୍ତ୍ର ଅନୁସାରେ, ଶଙ୍ଖରେ ଦେବୀ ଦେବତା ବାସ କରନ୍ତି । ଠିକ୍ ଦିଗ ଏବଂ ଠିକ୍ ପ୍ରକାର ଶଙ୍ଖ ଘରର ବାସ୍ତୁ ସମସ୍ୟାକୁ ଦୂର କରିପାରେ ।

ମାନ୍ୟତା ଅଛି ଶଙ୍ଖର ମଧ୍ୟ ଭାଗରେ ବରୁଣ ଦେବତା, ପଛ ପାର୍ଶ୍ୱରେ ବ୍ରହ୍ମା ଏବଂ ଅଗ୍ର ଭାଗରେ ଗଙ୍ଗା ତଥା ସରସ୍ୱତୀ ମାତା ବାସ କରନ୍ତି । ତେଣୁ ଏହାକୁ ଘରେ ରଖିବା ଶୁଭ । ବାସ୍ତୁ ଅନୁସାରେ, ଶଙ୍ଖ ସକାରାତ୍ମକ ଶକ୍ତିକୁ ଆକର୍ଷିତ କରେ ଏବଂ ନକାରାତ୍ମକତାକୁ କମ୍ କରିଥାଏ । ତେବେ ଘରର କୌଣସି କୋଣରେ ବାସ୍ତୁ ଦୋଷ ଥିଲେ ସେଠାରେ ଶଙ୍ଖ ରଖିଲେ ପରିବେଶରେ ସନ୍ତୁଳନ ରହେ ଏବଂ ମାନସିକ ଶାନ୍ତି ମିଳିଥାଏ ।

ଶଙ୍ଖ ମୁଖ୍ୟତଃ ତିନି ପ୍ରକାରର । ଦକ୍ଷିଣାବର୍ତ୍ତି ଶଙ୍ଖ, ମଧ୍ୟାବର୍ତ୍ତି ଶଙ୍ଖ ଓ ବାମାବର୍ତ୍ତି ଶଙ୍ଖ । ଯେଉଁ ଶଙ୍ଖକୁ ଡାହାଣ ହାତରେ ଧରାଯାଏ, ତାହାକୁ ଦକ୍ଷିଣାବର୍ତ୍ତି କୁହାଯାଏ । ଯେଉଁ ଶଙ୍ଖର ମୁହଁ ମଝିରେ ଖୋଲା ଥାଏ, ତାହା ମଧ୍ୟାବର୍ତ୍ତି ଶଙ୍ଖ ଏବଂ ଯାହାକୁ ବାମ ହାତରେ ଧରାଯାଏ, ତାହାକୁ ବାମାବର୍ତ୍ତି ଶଙ୍ଖ ବୋଲି କୁହାଯାଏ । ଦକ୍ଷିଣାବର୍ତ୍ତି ଶଙ୍ଖକୁ ବିଶେଷ ଭାବେ ମା’ ଲକ୍ଷ୍ମୀଙ୍କ ସହ ଜଡ଼ିତ । ଏହାକୁ ଘରେ ରଖିବା ଦ୍ୱାରା ଧନ, ସମ୍ପତ୍ତିରେ ବୃଦ୍ଧି ଘଟେ । ଆର୍ଥିକ ସ୍ଥିରତା ବଜାୟ ରହେ । ବାସ୍ତୁ ଅନୁସାରେ, ଠିକ୍ ସ୍ଥାନରେ ରଖାଯାଇଥିବା ଶଙ୍ଖ ଆରୋଗ୍ୟ ଓ ସମୃଦ୍ଧି ପ୍ରଦାନ କରିଥାଏ ।

ବ୍ରତ ରଖିବାର ନିୟମ

ହିନ୍ଦୁ ଧର୍ମରେ ଶୁଭ ଅବସରରେ ଲୋକମାନେ ବ୍ରତ ରଖନ୍ତି । ଏହାଦ୍ୱାରା ଦେବୀ ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ । କୁହାଯାଏ, ବ୍ରତ ତପ ସହିତ ସମାନ । ଏଣୁ ବ୍ରତ ରଖିବା ସମୟରେ କେଉଁ କଥାକୁ ଧ୍ୟାନରେ ରଖିବା ଉଚିତ, ଜାଣିବା ସେ ସମ୍ପର୍କରେ ।

- ବ୍ରତଧାରୀଙ୍କୁ ସକାଳୁ ଶୀଘ୍ର ଉଠିବା ଦରକାର । ନିତ୍ୟକର୍ମ ଶେଷକରି ପରିଷ୍କାର ବସ୍ତ୍ର ଧାରଣ କରନ୍ତୁ ।
- ବ୍ରତ ରଖିବା ସମୟରେ ଶୋଇବା ଅନୁଚିତ । ନ ଶୋଇ ଭଗବାନଙ୍କ ଭଜନ କରିବା ଉଚିତ ।
- ବ୍ରତ ରଖିବା ସମୟରେ ନିଜ ସାଧ୍ୟ ମୁତାବକ ଲୋକଙ୍କୁ ଦାନ ଦେବା ଉଚିତ । ତା’ସହ ଦୁଃଖୀ ଲୋକଙ୍କ ସେବା କଲେ ପୁଣ୍ୟ ପ୍ରାପ୍ତ ହୁଏ ।
- ବ୍ରତଧାରୀ ପର ନିନ୍ଦା ଓ ଚର୍ଚ୍ଚାରୁ ନିଜକୁ ଦୂରେଇ ରଖିବା ଜରୁରି ।
- ବ୍ରତଧାରୀଙ୍କୁ ମିଛ କଥା କହିବା ମନା ।
- ବ୍ରତଧାରୀଙ୍କୁ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଉଚିତ ।
- ବ୍ରତ ଶେଷ ପରେ ସାତ୍ତ୍ୱିକ ଭୋଜନ ଗ୍ରହଣ କରନ୍ତୁ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୨୫ ମେ ୨୦୨୬

ଅନ୍ତରଙ୍ଗ ଶତ୍ରୁ

ଏଭଳି ଦୃଶ୍ୟପଟ ପୃଥିବୀର ସର୍ବତ୍ର ପରିଲକ୍ଷିତ ହେଉଥିବା ବେଳେ ସର୍ବପ୍ରଥମ ଦେଶ ରୂପେ ଅଷ୍ଟ୍ରେଲିଆ ଏକ ଆଇନ ବଳରେ ୧୬ ବର୍ଷ ବୟସରୁ କମ୍ ବୟସ୍କଙ୍କ ସକାଶେ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷେଧ କରି ଦୃଷ୍ଟାନ୍ତ ସ୍ଥାପନ କରିଛି । ଶୁଣାଯାଏ, ଫ୍ରାନ୍ସ ଓ ଅନ୍ୟାନ୍ୟ କେତେକ ଦେଶ ଏବଂ ଆମ ଦେଶରେ ଆନ୍ଧ୍ରପ୍ରଦେଶ ରାଜ୍ୟ ଏ ଦିଗରେ ଉଦ୍ୟମ ଆରମ୍ଭ କଲେଣି । ଗଲା ବୁଧବାର ରାତିର ଘଟଣା ପରେ ଆମ ଦେଶରେ ଏଭଳି ଏକ ଆଇନ ଆସିବା ଜରୁରି ବୋଲି ଲୋକକ୍ଷେତ୍ରରେ ଚର୍ଚ୍ଚା ଜୋର ଧରିଛି ।ଗଲା ବୁଧବାର ରାତି ପ୍ରାୟ ୨ଟା ୧୫ରୁ ଅଢ଼େଇଟା ମଧ୍ୟରେ ଉତର ପ୍ରଦେଶସ୍ଥିତ ଗାଜିଆବାଦର ଏକ ବହୁ ତଳ ପ୍ରାସାଦର ନବମ ମହଲାରୁ ତିନି ଭଉଣୀ, ଜଣକ ପରେ ଜଣେ, ତଳକୁ ଡେଇଁ ଆତ୍ମହତ୍ୟା କରିବା ଭଳି ଘଟଣା ସମଗ୍ର ଦେଶକୁ ସ୍ତବ୍ଧ ଓ ଦୁଃଖାଭିଭୂତ କରି ଦେଇଛି । ଏହି ତିନି ଭଉଣୀଙ୍କ ବୟସ ଥିଲା ଯଥାକ୍ରମେ ୧୨, ୧୪ ଓ ୧୬; ଅର୍ଥାତ୍ ଆଦ୍ୟ କୈଶୋରରୁ ଆଦ୍ୟ ଯୌବନ ମଧ୍ୟରେ ଏବଂ ଗଣମାଧ୍ୟମଗୁଡ଼ିକର ସୂଚନା ଅନୁସାରେ ସେମାନଙ୍କ ମାତ୍ରାତିରିକ୍ତ ସ୍ମାର୍ଟଫୋନ ଆସକ୍ତିରେ ବ୍ୟତିବ୍ୟସ୍ତ ଅଭିଭାବକ ସେହି ଯନ୍ତ୍ରଗୁଡ଼ିକୁ ସେମାନଙ୍କ ଠାରୁ ନେଇ ଯିବା ପରେ ମ୍ରିୟମାଣ କନ୍ୟା ତ୍ରୟ ଏଭଳି ଚରମ ପଦକ୍ଷେପ ନେଇଥିଲେ । ଇତିମଧ୍ୟରେ ଏକ ଡାଇରିରେ ହାତଲେଖା ସୁଇସାଇଡ୍ ନୋଟ୍ ପୁଲିସର ହସ୍ତଗତ ହୋଇଛି, ଯହିଁରେ ପିତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି : ପାପା ଦୁଃଖିତ । ଖୁବ୍ ଏକୁଟିଆ ଲାଗୁଛି !' କହିବା ବାହୁଲ୍ୟ, ଏହି ଘଟଣା ପରେ କୈଶୋର-ଯୌବନାବସ୍ଥାରେ ଥିବା ପିଲାମାନଙ୍କ ଉପରେ ସ୍ମାର୍ଟଫୋନର ଦୁଷ୍ପ୍ରଭାବ ନେଇ, ମଝିରେ ମଝିରେ ହେଉଥିବା, ବିତର୍କ ପୁଣି ଥରେ ତେଜୀୟାନ ହୋଇ ଉଠିଛି । ପ୍ରକାଶ ଥାଉ କି ସେହି ଦିନ ଭୋପାଳରେ, ଗଲା ସେପ୍ଟେମ୍ବର ମାସରେ ଲକ୍ଷ୍ନୌରେ, ଅଗଷ୍ଟ ମାସରେ ଓଡ଼ିଶାର ବାଲେଶ୍ୱରରେ ଏହି ଭଳି କାରଣରୁ କେତେକ କିଶୋର-ତରୁଣ ଆତ୍ମହତ୍ୟା କରିଛନ୍ତି । ସୁତରାଂ, ଏହା ନିଃସନ୍ଦେହ ଯେ ଏହି ସଂଦର୍ଭ ଏବଂ ତାକୁ ଘେନି ହେଉଥିବା ବିତର୍କ ଅତ୍ୟନ୍ତ ଗମ୍ଭୀର ଏବଂ ଦୈନନ୍ଦିନ ଜୀବନରେ ଅତ୍ୟାବଶ୍ୟକ ବୋଲି ମନେ ହେଉଥିବା ଏବଂ ଆମ ହାତ ମୁଠାରେ ଅହରହ ରହିଥିବା ଚାଖଣ୍ଡକ ଯନ୍ତ୍ରଟି କିଭଳି ଏକ ଅନ୍ତରଙ୍ଗତମ ଶତ୍ରୁରେ ପରିଣତ ହୋଇ ଆମକୁ ଗର୍ଭସା ?ତ୍ ? କରିବାକୁ ବସିଲାଣି, ତାହା ଏକ କ୍ଷୁଦ୍ର ଆଲୋଚନା ଲାଗି ଅବକାଶ ସୃଷ୍ଟି କରିଥାଏ । ସମସ୍ତ ମନସ୍ତତ୍ତ୍ୱବିତ୍ ? ଓ ମନୋଚିକିତ୍ସକ ଏକ ମତ ଯେ ସଂପ୍ରତି ବୟସ ନିର୍ବିଶେଷରେ ଅଧିକାଂଶ ମନୁଷ୍ୟ ଯଦିଓ ଊଣାଅଧିକେ ସ୍ମାର୍ଟଫୋନ ଦ୍ୱାରା ଆସକ୍ତ; ତା' ଭିତରେ ବୁଡି ଯାଇ ଲାପନ୍ତା ହୋଇଯିବାର ଆଶଙ୍କା ବହନ କରିଥାଆନ୍ତି ଆଦ୍ୟ-କେ ?ଶୋରରୁ ଆଦ୍ୟ-ଯୌବନର ବନ୍ଧନୀରେ ଥିବା ପିଲାମାନେ । ଏଭଳି ସ୍ଥିତିରେ ନିକଟରେ ପ୍ରକାଶିତ ଏକ ସର୍ବେକ୍ଷଣ ରିପୋର୍ଟ ଅତ୍ୟନ୍ତ ଉଦ୍‌ବେଜନକ, ଯାହା କହିଥାଏ ଯେ ଏଥିରେ ଅନ୍ତର୍ଭୁକ୍ତ ଏହି ବୟସ ବର୍ଗର ୧୯,୧୦୦ ଜଣଙ୍କ ମଧ୍ୟରୁ ୨୨% ପ୍ରତ୍ୟହ ଛଅ ଘଣ୍ଟାରୁ ଅଧିକ, ୨୭% ତିନି ଘଣ୍ଟାରୁ ଛଅ ଘଣ୍ଟା, ୨୨% ଘଣ୍ଟାଏରୁ ତିନି ଘଣ୍ଟା ପର୍ଯ୍ୟନ୍ତ ସମୟ ସ୍ମାର୍ଟଫୋନରେ ନିମଜ୍ଜିତ ହୋଇ ରହନ୍ତି; ଏବଂ ମାତ୍ର ୬% ଘଣ୍ଟାକରୁ କମ୍ ସମୟ ଏଥିରେ ବ୍ୟୟ କରୁଥିବା ବେଳେ ୧୨% ସ୍ମାର୍ଟଫୋନ ସହିତ ଅସଂପୃକ୍ତ । କେବଳ ସେତିକି ନୁହେଁ, ସ୍ମାର୍ଟଫୋନ ଦେଖୁଥିବା ପିଲାମାନଙ୍କ ମଧ୍ୟରୁ ୭୦% ସ୍ୱୀକାର କରିଥିଲେ ଯେ ସେମାନେ ଏହାର ମୋହରେ ସଂପୂର୍ଣ୍ଣ ରୂପେ ଆବିଷ୍ଟ । ସୁତରାଂ, ବ୍ୟକ୍ତିତ୍ୱ ନିର୍ମାଣ ଏବଂ ପ୍ରତିଭା ସ୍ଫୁରଣର ଏହି ସ୍ୱର୍ଣ୍ଣକାତର କାଳ ଖଣ୍ଡଟି ସ୍ମାର୍ଟଫୋନ ଦ୍ୱାରା ସର୍ଜିତ ମିଛ ସଂସାରରେ ମାୟା ମୃଗ ଅନୁଧାବନରେ ବିନଷ୍ଟ ପ୍ରାୟ ସ୍ଥିତିରେ । ଗଣମାଧ୍ୟମର ରିପୋର୍ଟ ଅନୁସାରେ ଭଗିନୀ ତିନିହେଁ କୁଆଡ଼େ ଦେଶର ଅଗଣିତ କୋମଳ ବୟସ୍କଙ୍କ ଭଳି 'କେ-ପପ୍' ଭାବେ ପରିଚିତ କୋରିଆର ଭିଡିଓ ଦ୍ୱାରା ଏଭଳି ଆଚ୍ଛନ୍ନ ଥିଲେ ଯେ ସ୍କୁଲ ଯିବା ମଧ୍ୟ ଛାଡ଼ି ଦେଇଥିଲେ, ଯାହା ହୁଏତ ସେମାନଙ୍କ ପିତାମାତାଙ୍କ ତନ୍ଦ୍ରା ଭଙ୍ଗ କରିଥିବ । ଏହି ପରିପ୍ରେକ୍ଷୀରେ ବିଖ୍ୟାତ ମନୋଚିକିତ୍ସକ ଡାକ୍ତର ଅଚଳ ଭଗତ କହିଥାଆନ୍ତି ଯେ ସେଭଳି ସାନ୍ଦ୍ର ନିଶାରୁ ମୁକ୍ତ କରିବା ଲାଗି ଯେ ରୀତିମତ ଡାକ୍ତରୀ ଚିକିତ୍ସାର ଆବଶ୍ୟକ, ସେ ନେଇ ପିତାମାତା ସମ୍ଭବତଃ ଅଜ୍ଞ ଥିଲେ । କହିବା ଅନାବଶ୍ୟକ ଯେ ଅଧିକାଂଶ ମଧ୍ୟ-ବୟସ୍କ ଭାରତୀୟ ଅଭିଭାବକ ଏଭଳି ସ୍ଥିତିକୁ ସାମାନ୍ୟ ବିକୃତି ବୋଲି ଧରି ନିଅନ୍ତି, ଯାହା ସେମାନଙ୍କ ଧାରଣାରେ ଅଭ୍ୟାସ ଭଙ୍ଗ ହେବା ସହିତ ଆପେଆପେ ଅନ୍ତର୍ହିତ ହୋଇଯିବ । କିନ୍ତୁ ବାସ୍ତବତାଟି ହେଲା 'ଡିଜିଟାଲ ଆଡିକ୍‌ସନ' ଯେକୌଣସି ସାଂଘାତିକ ମାଦକ ଦ୍ରବ୍ୟର ଦୁର୍ନିବାର ଆସକ୍ତି ସହିତ ତୁଳନୀୟ । କିନ୍ତୁ ବିଡ଼ମ୍ବନାଟି ହେଲା ସଂପ୍ରତି ସମସ୍ତେ ସ୍ମାର୍ଟଫୋନରେ ନିମଗ୍ନ ରହୁଥିବାରୁ ପରିବାରରେ ଏଭଳି ଏକ 'ଇକୋସିଷ୍ଟମ' ବା ବାତାବରଣର ସୃଷ୍ଟି ହେଉଛି, ଯହିଁରେ ସେହି ଆବର୍ତ୍ତରେ ପିଲାମାନେ ହଜି ନ ଯିବା ପର୍ଯ୍ୟନ୍ତ ଗୁରୁଜନମାନଙ୍କ ଠାରେ ଚେତା ପଶି ନ ଥାଏ । ତେଣୁ ଡିଜିଟାଲ ଆସକ୍ତିକୁ ନେଇ ପରିବାରର ଗୁରୁଜନମାନଙ୍କ ଠାରେ ସଚେତନତା ସୃଷ୍ଟି ହେବା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ । ସଂପ୍ରତି ଅନଲାଇନ ଶିକ୍ଷାଦାନ ହେତୁ ଏହି ବୟସ ବର୍ଗର ପିଲାମାନଙ୍କ ସକାଶେ ସ୍ମାର୍ଟଫୋନର ବ୍ୟବହାର ଅନିବାର୍ଯ୍ୟ ହୋଇ ପଡ଼ିଥିବା ହେତୁ ଏକ ନିର୍ଦ୍ଦିଷ୍ଟ ଅବଧି ଲାଗି ପିଲାମାନଙ୍କୁ ତାହା ଉପଲବ୍ଧ କରାଇବା ଏବଂ 'ଭର୍ଚୁଆଲ' ଦୁନିଆରେ ସେମାନଙ୍କ ବିଚରଣ ଭୂମି ଉପରେ ନିଘା ରଖିବା ଯେ ଅଭିଭାବକମାନଙ୍କ ପ୍ରଥମ ଦାୟିତ୍ୱ, ଏଥିରେ ସନ୍ଦେହ ନ ଥାଏ । ଏବର ମଧ୍ୟ-ବୟସ୍କ ଅଭିଭାବକମାନଙ୍କ ଡିଜିଟାଲ ଜ୍ଞାନ ସେମାନଙ୍କ ଚିରାଚରିତ ବିହାର ସ୍ଥଳୀ ଫେସବୁକ କି ୟୁଟ୍ୟୁବ ବା ହ୍ୱାଟ୍‌ସଆପ ଅଥବା ଇନ୍‌ଷ୍ଟାଗ୍ରାମ ଆଦିରେ ପ୍ରାୟ ସୀମିତ । କିନ୍ତୁ ଏହାକୁ ଅତିକ୍ରମ କରି ଏହି ଜ୍ଞାନ ବିଭିନ୍ନ ଡେଟିଂ, ବେଟିଂ ଓ ଗେମିଂ ଆପ୍ ଇତ୍ୟାଦି କ୍ଷେତ୍ର ପର୍ଯ୍ୟନ୍ତ ପରିବର୍ଦ୍ଧିତ ହେବା ଜରୁରି । କାରଣ, କମ୍ ବୟସର ପିଲାମାନଙ୍କ ସକାଶେ ଖେଳ କୌତୁକର ପ୍ରତିଶ୍ରୁତି ଦେଇ ଅନେକ ଗେମିଂ ଆପ୍ ସେମାନଙ୍କୁ ବଶୀଭୂତ କରି ନିଃଶେଷ କରିବାରେ ପ୍ରବୃତ୍ତ । 'ବ୍ଲୁ ହ୍ୱେଲ' ବା 'କୋରିଆନ ଲଭ ଗେମ୍' ଭଳି କେତେକ ଗେମିଂ ଆପ୍‌ରେ ପ୍ରବେଶ କରୁଥିବା ପିଲାଏ ଖେଳର ବିଭିନ୍ନ ସୋପାନ ଅତିକ୍ରମ କରି ପରିଶେଷର ସେହି ଖେଳର 'ଡିଜାଇନ' ସ୍ୱରୂପ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ମଧ୍ୟ ବୁଝି ନ ଥାଆନ୍ତି ଯେ ତନ୍ଦ୍ରାଗ୍ରସ୍ତ ଭାବେ ଚାଲି ସେମାନେ କେତେବେଳେ ଜୀବନର ଏରୁଣ୍ଡି ଡେଇଁବାକୁ ବସିଲେଣି । କେବଳ ସେତିକି ନୁହେଁ, ଛୋଟ ପିଲାମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବାରୁ ଏଭଳି କେତେକ ଗେମିଂ ଆପ୍‌ରେ ଯୌନ ବିକାରଗ୍ରସ୍ତମାନେ ଆବିର୍ଭୂତ

ସୁନା ସଂଯମ

ଭାରତୀୟଙ୍କ ସୁନା କ୍ରୟରେ ହ୍ରାସ ଘଟାଇବା ଲାଗି ଗଲା ଗୁରୁବାର ଦିନ ସରକାର ଆମଦାନି ଶୁଳ୍ ?କକୁ ୬%ରୁ ଏକା ବେଳକେ ୧୫%କୁ ବୃଦ୍ଧି କରିଛନ୍ତି, ଯାହା ଫଳରେ ୨୪ କ୍ୟାରଟର ସୁନା ଦର ପ୍ରତି ଦଶ ଗ୍ରାମରେ ୮ରୁ ୧୦ ହଜାର ଟଙ୍କା ମହଙ୍ଗା ହେବ । ବିଶେଷଜ୍ଞମାନଙ୍କ ମତରେ ଯଦିଓ ଏହା ଦ୍ୱାରା ବଜାରରେ ସୁନା କ୍ରୟରେ ହ୍ରାସ ଘଟିବ, ତଦ୍ୱାରା କିନ୍ତୁ ଚୋରା କାରବାରକୁ ପ୍ରଶ୍ରୟ ମିଳିବ । ଗଲା ୧୧ ତାରିଖ ଦିନ, ଭବିଷ୍ୟତ୍ ସଂକଟ ଆଡ଼କୁ ଇଙ୍ଗିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ତାଙ୍କ ଭାଷଣରେ, ଦେଶବାସୀଙ୍କ ନିକଟରୁ ଯେଉଁ ପ୍ରମୁଖ ବିଷୟରେ ସଂଯମର ଆଗ୍ରହ କରିଥିଲେ, ତହିଁରେ ରହିଛି ପେଟ୍ରୋଲ ଓ ଡିଜେଲ, ସୁନା ଓ ଖାଇବା ତେଲର କ୍ରୟ ଏବଂ ବିଦେଶ ଭ୍ରମଣ । ଅବଶ୍ୟ, ଏହି ଆହ୍ୱାନକୁ ଘେନି ଲୋକକ୍ଷେତ୍ରରେ ସୃଷ୍ଟ ବ୍ୟାପକ ଓ ବିପୁଳ ବିତର୍କ ହେତୁ ଏହା ସ୍ପଷ୍ଟ ହୋଇ ସାରିଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାରରେ ତୀବ୍ର ଅବକ୍ଷୟ ଘଟି ଚାଲିବା ହେଉଛି ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବେଗର କାରଣ । ଉଲ୍ଲେଖଯୋଗ୍ୟ ଯେ ଗଲା ଫେବ୍ରୁଆରି ମାସରୁ ଏହି ଅବକ୍ଷୟ ତୀବ୍ର ହୋଇଛି ଏବଂ ଡଲାର ଭଣ୍ଡାର ୭୨୮ ବିଲିଅନ ଡଲାରରୁ ୬୯୬ ବିଲିଅନ ଡଲାରକୁ ହ୍ରାସ ପାଇଲାଣି । ଏହା ସୁବିଦିତ ଯେ ଭାରତୀୟମାନେ କ୍ରୟ କରୁଥିବା ଖଣିଜ ତୈଳ, ଖାଇବା ତେଲ ଓ ସୁବର୍ଣ୍ଣ, ସଂପୂର୍ଣ୍ଣ ରୂପେ ଆମଦାନିଭିତ୍ତିକ ହୋଇଥାଏ, ଯେଉଁଥି ଲାଗି ଭାରତୀୟ ବୈଦେଶିକ ମୁଦ୍ରା ଭଣ୍ଡାର ଦ୍ରୁତ କ୍ଷୟିଷ୍ଣୁ ହୋଇ ଚାଲିଛି । ତେବେ, ଏକ ବାସ୍ତବତା ହେଲା, ଖଣିଜ ତୈଳ ଓ ଖାଇବା ତେଲ ଦେ ?ନନ୍ଦିନ ଜୀବନଯାପନରେ ଏକ ଅନିବାର୍ଯ୍ୟ ଅଂଶ ହୋଇଥିବାରୁ ଏଥିରେ ସଂଯମର ଅଭ୍ୟାସ କଷ୍ଟପ୍ରଦ ହେବ । କିନ୍ତୁ, ଏକ ବିରୋଧାଭାସ ହେଲା, ଉପର ବର୍ଣ୍ଣିତ ଦୁଇଟି ଦ୍ରବ୍ୟ ଭଳି ସୁନା ଅତ୍ୟାବଶ୍ୟକ ହୋଇ ନଥିଲେ ହେଁ, ଅଗଣିତ ଭାରତୀୟଙ୍କ ସକାଶେ ତାହାର କ୍ରୟରେ ସଂଯମ ଘଟାଇବା ମଧ୍ୟ ଅନୁରୂପ ଭାବେ କଷ୍ଟସାଧ ହୋଇପାରେ; ଏବଂ ଅନେକଙ୍କ ସକାଶେ ଏକ ଅରୁଚିକର ପ୍ରସ୍ତାବ ରୂପେ ମଧ୍ୟ ପରିଗଣିତ ହୋଇପାରେ ! ଭାରତରେ ନିଜସ୍ୱ ଖଣିରୁ ମାତ୍ର ୧% ସୁନା ଉପଲବ୍ଧ ହେଉଥିବା ସ୍ଥଳେ ଅବଶିଷ୍ଟ ଆସିଥାଏ ଆମଦାନି ସୂତ୍ରରେ, ଗତ ବର୍ଷ ଯାହାର ପରିମାଣ ଥିଲା ପ୍ରାୟ ୭୦୦ ଟନ । କେବଳ ଏଥିରୁ ଏକ ଧାରଣା କରି ହେବ ଯେ ଏହା ଦ୍ୱାରା ଭାରତୀୟ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ କିଭଳି ଚାପ ପଡ଼ିଥିବ ! କିନ୍ତୁ, ଭାରତୀୟମାନଙ୍କ ଦ୍ୱାରା ସୁନା କ୍ରୟରେ ପରିଦୃଷ୍ଟ ବୈଚିତ୍ର୍ୟଟି ହେଲା ସୁନା ଦରରେ କ୍ରମାଗତ ତୀବ୍ର ବୃଦ୍ଧି ଘଟିଥିବା ସତ୍ତ୍ୱେ (ଗଲା ଦଶ ବର୍ଷ ମଧ୍ୟରେ ୧୫୦% ବୃଦ୍ଧି) ସୁବର୍ଣ୍ଣ କ୍ରୟର ପରିମାଣରେ ବିଶେଷ ହ୍ରାସ (ମାତ୍ର ୨୦ରୁ ୨୫ ପ୍ରତିଶତ) ଘଟିନାହିଁ । ଏକ ହିସାବ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ସୁନା ଆମଦାନି ମୂଲ୍ୟରେ ପ୍ରତି ବର୍ଷ ଧାରାବାହିକ ଭାବେ ୨୫ରୁ ୩୦ ପ୍ରତିଶତ ବୃଦ୍ଧି ଘଟିଛି, କିନ୍ତୁ ସୁନା ଖର୍ଚ୍ଚରେ ସମାନୁପାତିକ ସଂକୋଚନ ଘଟିନାହିଁ । କହିବା ଅନାବଶ୍ୟକ ଯେ ସୁନାର ଦର ସର୍ବଦା ଉର୍ଦ୍ଧ୍ୱମୁଖୀ ହୋଇ ଚାଲିବ ବୋଲି ଥିବା ବଦ୍ଧମୂଳ ଧାରଣା ହେତୁ ତାହାକୁ କ୍ରୟ କରି ଭବିଷ୍ୟତର ପୁଞ୍ଜି ହିସାବରେ ଗଚ୍ଛିତ ରଖିବାକୁ ଅସଂଖ୍ୟ ଭାରତୀୟ ପ୍ରବୃତ୍ତ ହୋଇଛନ୍ତି । ଏଣେ, ଆପଦ୍ ?କାଳୀନ ସମସ୍ୟାରେ ଘରେ ସାଇତା ସୁନା, ନଗଦ ଟଙ୍କାର ସୁନିଶ୍ଚିତ ବିକଳ୍ପ ହୋଇଥିବାରୁ, ନିମ୍ନ ଓ ମଧ୍ୟବିତ୍ତୀୟ ଭାରତୀୟମାନେ, ସେମାନଙ୍କ ପହୁଞ୍ଚରୁ ବାହାରକୁ ଚାଲିଯାଉଥିବା ଅତ୍ୟନ୍ତ ଉଚ୍ଚା ମୂଲ୍ୟ ସତ୍ତ୍ୱେ, ସାମାନ୍ୟତମ ସୁଯୋଗରେ ଯତ୍ କିଂଚିତ ସୁନା କ୍ରୟ କରିବାରେ ବ୍ୟଗ୍ର ହୋଇଛନ୍ତି । ଅନେକ ନିମ୍ନ ବିତ୍ତ ପରିବାର ଲାଗି ଏହା ଏକ ସ୍ଥାୟୀ ଜମା ପୁଞ୍ଜି ଭଳି ହୋଇ ରହିଥାଏ । ପୃଥିବୀରେ ଚୀନ ହେଉଛି ବୃହତମ ସୁନା ଆମଦାନିକାରୀ ରାଷ୍ଟ୍ର, ଯାହା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଭାରତ । କିନ୍ତୁ ପ୍ରଭେଦଟି ହେଲା, ଚୀନାମାନଙ୍କ ସୁନା କିଣା ପଛରେ ପ୍ରାୟତଃ ବ୍ୟାବସାୟିକ ବୁଦ୍ଧିମତ୍ତା ନିହିତ ଥିବା ବେଳେ ଭାରତରେ ଏହାର ଅବିଭାଜ୍ୟ ସାମାଜିକ ଓ ସାଂସ୍କୃତିକ ଭୂମିକା ରହିଛି । ବିବାହ ସମୟରେ କନ୍ୟା ସୁନା ଭାବେ ପିତ୍ରାଳୟରୁ ଆଣିଥିବା ସୁନା ଉପରେ ବିବାହିତା ମହିଳାମାନଙ୍କ ଐକାନ୍ତିକ ଅଧିକାର ସେମାନଙ୍କୁ ଆର୍ଥିକ ଭାବେ ମଧ୍ୟ ସଶକ୍ତ କରିଥାଏ । ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଭଳି ମାଙ୍ଗଳିକ ଅବସର ଓ କେତେକ ପର୍ବପର୍ବାଣି (ଧନତେରାସ, ଦୀପାବଳି ଓ ଅକ୍ଷୟ ତୃତୀୟା)ରେ ସୁନା କାରବାରରେ ତୀବ୍ର ବୃଦ୍ଧି ଘଟିଥାଏ । ଏକ ଆକଳନ ଅନୁସାରେ, ପ୍ରତ୍ୟେକ ବର୍ଷ ୧୦ ନିୟୁତରୁ ଅଧିକ ବିବାହ ସଂପନ୍ନ ହେଉଥିବା ଏହି ଦେଶର ବିବାହ ଋତୁରେ ସୁନାର ଚାହିଦା ସାଧାରଣ ହାରାହାରି ଠାରୁ ୨୦ରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏକ ହିସାବ ଅନୁସାରେ ଭାରତୀୟମାନଙ୍କ ଘରେ ବ୍ୟକ୍ତିଗତ ସଂପତ୍ତି ଭାବେ ଗଚ୍ଛିତ ଅଛି ପ୍ରାୟ ୨୫,୦୦୦ ଟନ ସୁନା, ଯାହା ଆମେରିକା ଓ ୟୁରୋପୀୟ ସଂଘର କେନ୍ଦ୍ରୀୟ ବ୍ୟାଙ୍କରେ ମହଜୁଦ ଥିବା ସୁନାର ପରିମାଣ ଠାରୁ ମଧ୍ୟ ଅଧିକ । କିନ୍ତୁ ଅସଂଗତିଟି ହେଲା, ପ୍ରାୟ ନିଷ୍ପ୍ରାଣ ଭାବେ ପଡ଼ି ରହୁଥିବାରୁ ଏହି ବିପୁଳ ସଂପଦରୁ ରାଷ୍ଟ୍ର କେ ?ଣସି ଆର୍ଥିକ ଲାଭ ପାଇ ନ ଥାଏ, ବରଂ ସୁନା କ୍ରୟ ଦ୍ୱାରା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ସଂକୋଚନ ଘଟି ଚାଲିଥାଏ । ଭାରତୀୟଙ୍କ ସୁନା କ୍ରୟରେ ହ୍ରାସ ଘଟାଇବା ଲାଗି ଗଲା ଗୁରୁବାର ଦିନ ସରକାର ଆମଦାନି ଶୁଳ୍‌କକୁ ୬%ରୁ ଏକା ବେଳକେ ୧୫%କୁ ବୃଦ୍ଧି କରିଛନ୍ତି, ଯାହା ଫଳରେ ୨୪ କ୍ୟାରଟର ସୁନା ଦର ପ୍ରତି ଦଶ ଗ୍ରାମରେ ୮ରୁ ୧୦ ହଜାର ଟଙ୍କା ମହଙ୍ଗା ହେବ । ବିଶେଷଜ୍ଞମାନଙ୍କ ମତରେ ଯଦିଓ ଏହା ଦ୍ୱାରା ବଜାରରେ ସୁନା କ୍ରୟରେ ହ୍ରାସ ଘଟିବ, ତଦ୍ୱାରା କିନ୍ତୁ ଚୋରା କାରବାରକୁ ପ୍ରଶ୍ରୟ ମିଳିବ । ଏକ ବିରୋଧାଭାସ ହେଲା ଭାରତକୁ ପ୍ରକୃତିଦତ୍ତ ଭାବେ ବିଶେଷ ସୁବର୍ଣ୍ଣ ସୌଭାଗ୍ୟ ମିଳି ନ ଥିଲେ ସୁଦ୍ଧା ଏହି ଦେଶ ପ୍ରାଚୀନ କାଳରୁ ସୁନାର ଭଣ୍ଡାର ସୃଷ୍ଟିରେ ବ୍ୟାପୃତ ରହି ସଫଳ ମଧ୍ୟ ହୋଇଥିଲା । ଖ୍ରୀଷ୍ଟପୂର୍ବ ୪୦୦୦ ବେଳକୁ ମେସୋପଟାମିଆ ଅଂଚଳ (ଇଜିପ୍‌ଟ)ରେ ସୁନାର କାରବାର ବିଶେଷ ଅଗ୍ରଗତି ଲାଭ କରିଥିଲା । ଯଦିଓ ସେହି ସମୟରେ ଭାରତୀୟମାନେ ମଧ୍ୟ ସୁନା ସହିତ ପରିଚିତ ହୋଇଥିଲେ, ତାହାର ଉତ୍ସ ଥିଲା ଏଠାରେ ଲବ୍‌ଧ ସ୍ୱଳ୍ପ ପରିମାଣର ଏହି ପୀତ ଧାତୁ । ସେହି ସୁପ୍ରାଚୀନ କାଳରୁ ଏହା ଭାରତୀୟମାନଙ୍କ ମଧ୍ୟରେ ଏକ ପବିତ୍ର ଧାତୁର ମାନ୍ୟତା ଲାଭ କରିଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ବାଣିଜ୍ୟ ପଥରେ ରୋମ୍ ?ରୁ ବିପୁଳ ପରିମାଣର ସୁନା ଏହି ଭୂଖଣ୍ଡକୁ ଆସିବାରେ ଲାଗିଥିଲା । କୁଶାଣ ଓ ଗୁପ୍ତ ସାମ୍ରାଜ୍ୟ କାଳରେ ସୁନା ବିରଳ ରାଜୋଚିତ ମର୍ଯ୍ୟାଦା ଲାଭ କରିଥିଲା । ସେହି ବାଣିଜ୍ୟ ପଥ ଦେଇ ଅତୁଳନୀୟ ଭାରତୀୟ ବସ୍ତ୍ରର ବ୍ୟବସାୟ ହେତୁ, ତା' ବିନିମୟରେ ପ୍ରଚୁର ସୁନା ଆହରଣର ମାର୍ଗ ଖୋଲି ଯାଇଥିଲା । ବାରମ୍ବାର ବେ ?ଦେଶିକ ଆକ୍ରମଣ, ଲୁଣ୍ଠନ ଓ ଦୀର୍ଘକାଳୀନ ପରାଧୀନତା କାରଣରୁ ଯଦିଓ ମଧ୍ୟ-ଯୁଗରୁ ଏକ ବିଶାଳ ସଂଖ୍ୟକ ଭାରତୀୟ ନିର୍ମମ ଦାରିଦ୍ର୍ୟ ମଧ୍ୟକୁ ନିକ୍ଷେପିତ ହୋଇଥିଲେ, ସେମାନଙ୍କ ପାଖରେ ଗଣ୍ଠିଧନ ଭଳି ସାଇତା ସୁନାର ନିର୍ବିକଳ୍ପ ବିନିମୟ ମହତ୍ତ୍ୱ ହେତୁ ଅତ୍ୟାବଶ୍ୟକ ସ୍ଥଳେ ସେମାନେ କରଜ ପାଉଥିଲେ; ଯେଉଁ ପ୍ରଥା ଆଜି ପର୍ଯ୍ୟନ୍ତ ଗ୍ରାମାଂଚଳରେ ଜୀବିତ ଅଛି । କହିବା ବାହୁଲ୍ୟ ଯେ ଅସଂଖ୍ୟ ସାଧାରଣ ଲୋକଙ୍କ ସକାଶେ ଜରୁରୀ ଆବଶ୍ୟକତା ବେଳେ ସରକାର ଓ ସରକାରୀ ବ୍ୟବସ୍ଥା ତୁଳନାରେ ସୁନା ହିଁ ଅଧିକ ନିର୍ଭରଯୋଗ୍ୟ ହୋଇ ରହି ଆସିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆହ୍ୱାନ ଅନୁସାରେ ଭାରତୀୟମାନେ ଗୋଟିଏ ବର୍ଷ ସକାଶେ ସୁନା କ୍ରୟରୁ କ୍ଷାନ୍ତ ରହିବା ଉଚିତ । ତାଙ୍କ ସନ୍ଦେଶରେ ନିହିତ ସଂଯମର ଇଙ୍ଗିତ ଏକ ଲୋକଗଳ୍ପକୁ ମନେ ପକାଇ ଦିଏ । ଗଳ୍ପଟି ଏହି ଭଳି : ଜଣେ ଅତ୍ୟନ୍ତ ସୁନା ଆତୁର ଯୁବକଙ୍କୁ ତାଙ୍କ ଗୁରୁ ସଂଯମ ପାଳନ ଲାଗି ଉପଦେଶ ଦେଲେ । ଗୁରୁଙ୍କ ଆଜ୍ଞା ସର୍ବଦା ଶିରୋଧାର୍ଯ୍ୟ କରୁଥିବା ତରୁଣ ସଂଯମର ଅଭ୍ୟାସ କରିବାକୁ ଲାଗିଲେ । ଶିଷ୍ୟଙ୍କ ସଂଯମ କେଉଁ ସ୍ତରରେ ପହଂଚିଲାଣି, ତାହା ପରୀକ୍ଷା କରିବା ଲାଗି ଅଗତ୍ୟା ଦିନେ ଗୁରୁଙ୍କୁ ଏକ ସୁଯୋଗ ମିଳିଗଲା, ଯେତେବେଳେ ସେ ଦେଖିଲେ ଯେ ସେମାନେ ଯାଉଥିବା ବାଟରେ ଏକ ସୁନା ମୋହର ପଡ଼ି ଚକଚକ କରୁଛି । ଦୁହେଁ ଅତ୍ୟନ୍ତ ନିରାସକ୍ତ ଭାବେ ସୁନା ମୋହରକୁ ଅତିକ୍ରମ କରିଗଲା ପରେ ଗୁରୁ ଉଚ୍ଛ୍ୱସିତ ସ୍ୱରରେ କହି ଉଠିଲେ, ସାବାସ, ସୁନାକୁ ଦେଖି ତୁମେ ବିଚଳିତ ହେଲ ନାହିଁ ! ଉତ୍ତରରେ ଶିଷ୍ୟ କହିଲେ, କେଉଁ ସୁନା ? ମୋତେ ତ ସେଭଳି କିଛି ଦିଶିଲା ନାହିଁ । ତତ୍‌କ୍ଷଣାତ୍ ଗୁରୁଙ୍କ ହୃଦ୍‌ବୋଧ ହୋଇଗଲା ଯେ ତାଙ୍କ ଶିଷ୍ୟ ସୁନା ସଂଯମୀରୁ ଅବଲୀଳା କ୍ରମେ ସୁନା ବିରାଗୀରେ ପରିଣତ ହୋଇଗଲେଣି । ପ୍ରଧାନମନ୍ତ୍ରୀ, ଅବଶ୍ୟ, ସାମୟିକ ସଂଯମ କଥା କହିଛନ୍ତି, କିନ୍ତୁ, କିଏ ଜାଣେ ସଂଯମର ଅଭ୍ୟାସରୁ ଯଦି କାହା ମନରେ ସୁବର୍ଣ୍ଣ ବେ ?ରାଗ୍ୟ ସୃଷ୍ଟି ହୋଇ ନ ଯିବ ? ଯଦି ସେମିତି ଦୈବାତ୍ ହୋଇଯାଏ, ତେବେ ତାହା ମଧ୍ୟ ଏକ ସୁସମ୍ବାଦ ।

ଶ୍ୱାସରୁଦ୍ଧ

ବାସ୍ତବ ଅଭିବୃଦ୍ଧି ହାର ଅନୁସାରେ ଭାରତ ଏବେ ମଧ୍ୟ ପୃଥିବୀର ଦ୍ରୁତତମ ବର୍ଦ୍ଧିଷ୍ଣୁ ଅର୍ଥନୀତିର ସ୍ଥାନ ଦଖଲ କରି ରହିଛି । ଏହି ସ୍ଥାନ ଦୀର୍ଘ କାଳ ଧରି ବଜାର ରଖିବା ପାଇଁ ଆମର ମାତ୍ର ଦଶ ଦିନର ସଂକଟକାଳୀନ ତୈଳ ମହଜୁଦ ଯେ ଯଥେଷ୍ଟ ହେବ ନାହିଁ, ବର୍ତ୍ତମାନର ସଂକଟରୁ ଆମେ ତାହା ଶିକ୍ଷା ଲାଭ କରିବା ଉଚିତ । ଭାରତ ଭଳି ଏକ ବିଶାଳ ଦେଶ ତଥା ବୃହତ୍ ଅର୍ଥନୀତି ପାଇଁ ଅନ୍ୟୂନ ତିରିଶ ଦିନର ଆବଶ୍ୟକତା ପୂରଣ କଲାଭଳି ସଂକଟକାଳୀନ ତୈଳଭଣ୍ଡାର ସୃଷ୍ଟି କରିବା ଯୁକ୍ତିଯୁକ୍ତ ମନେ ହୋଇଥାଏ ।ଭାରତୀୟ ଅର୍ଥନୀତି ଓ କୂଟନୀତିର ପରିଚାଳକମାନେ ଯଥାସାଧ୍ୟ ଚେଷ୍ଟାକରି ଇରାନ ଯୁଦ୍ଧର କ୍ଷତିକାରକ ପ୍ରଭାବରୁ ଦେଶକୁ ଯେତେ ଦୂର ସମ୍ଭବ ସୁରକ୍ଷିତ ରଖି ଆସିଥିଲେ ହେଁ ସେଥିରୁ ସଂପୂର୍ଣ୍ଣ ରୂପେ ବର୍ତ୍ତିବା ଯେ ସମ୍ଭବ ନୁହେଁ, ଆମର ସଦ୍ୟ ପ୍ରକାଶିତ 'ପାଇକାରୀ ମୁଦ୍ରାସ୍ଫୀତି ହାର' ('ହୋଲ୍‌ସେଲ୍ ପ୍ରାଇସ୍ ଇନ୍‌ଫ୍ଲେସନ୍'- 'ଡବ୍ଲ୍ୟୁପିଆଇ') ତାହା ପ୍ରମାଣିତ କରିଥାଏ । ଅନ୍ୟ ଭାବରେ କହିଲେ, ଆମର ଇନ୍ଧନ ଚାହିଦା ମେଂଟାଇବା ନିମିତ ଆମଦାନି ଉପରେ ଅତିରିକ୍ତ ନିର୍ଭରଶୀଳତା ଯୋଗୁଁ ଯେ ଏଭଳି ଦଶାରୁ ମୁକୁଳିବା ଆମ ପକ୍ଷରେ ସହଜ ହୋଇ ନ ଥାଏ, ଏଥିରୁ ତାହା ପ୍ରତିପାଦିତ ହୋଇଥାଏ । ଭାରତ ଆବଶ୍ୟକ କରୁଥିବା ମୋଟ ଅଶୋଧିତ ତେ ?ଳର ପ୍ରାୟ ୮୫ ଶତାଂଶ ବିଦେଶରୁ ଆମଦାନି ହୋଇଥାଏ, ଯାହାର ମୁଖ୍ୟାଂଶ ଆମଦାନି ହୋଇଥାଏ ବର୍ତ୍ତମାନର ଯୁଦ୍ଧ ପ୍ରଭାବିତ ପାରସ୍ୟ ଉପସାଗରୀୟ ଅଂଚଳରୁ । ଅସୁବିଧାଜନକ କଥା ହେଲା ଏଇ ତୈଳ ଭାରତରେ ପହଂଚିବା ପାଇଁ ଯେଉଁ ଏକ ସଂକୀର୍ଣ୍ଣ ଜଳପଥ ଦେଇ ପରିବାହିତ ହୋଇଥାଏ, ସେଇ ଜଳପଥ ବର୍ତ୍ତମାନ ପୃଥିବୀର ସର୍ବାଧିକ ବିପଦସଂକୁଳ ଜଳପଥରେ ପରିଣତ ହୋଇଛି- ହର୍ମୁଜ ପ୍ରଣାଳୀ । ଉଭୟ ଇରାନ ଓ ଆମେରିକାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏଇ ଶ୍ୱାସନଳୀ ଭଳି ସଂକୀର୍ଣ୍ଣ ଜାହାଜ ଚଳାଚଳ ପଥଟି ଆହୁରି ସଂକୁଚିତ ହୋଇଯାଇଛି, ଯାହା ଆମ ପାଇଁ ସ୍ୱାଭାବିକ ଭାବରେ ଏକ ଶ୍ୱାସରୁଦ୍ଧ ଅବସ୍ଥା ସୃଷ୍ଟି କରିଦେଇଥାଏ । ବର୍ତ୍ତମାନ ତାହା ହିଁ ଦେଖାଯାଇଛି । ଏପ୍ରିଲ ପାଇଁ ପ୍ରକାଶିତ 'ଡବ୍ଲ୍ୟୁପିଆଇ' ହେଉଛି : ୮.୩୦ ଶତାଂଶ, ଯାହା ପୂର୍ବ ମାସ ମାର୍ଚ୍ଚରେ ଥିଲା ୩.୮୮ ଶତାଂଶ ମାତ୍ର । ଗୋଟିଏ ମାସର ବ୍ୟବଧାନରେ ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତିରେ କେବଳ ଯେ ଦୁଇ ଗୁଣରୁ ଅଧିକ ବୃଦ୍ଧି ଘଟିଛି, ତାହା ନୁହେଁ, ଏହା ମଧ୍ୟ ହେଉଛି ବିଗତ ୪୨ ମାସ ବା ସାଢ଼େ ତିନି ବର୍ଷ ମଧ୍ୟରେ ସର୍ବୋଚ୍ଚ । ସେଇ ମାସରେ କେବଳ 'ଇନ୍ଧନ ଓ ଶକ୍ତି ମୁଦ୍ରାସ୍ଫୀତି' ଉପରେ ଦୃଷ୍ଟି ନିକ୍ଷେପ କଲେ ପାଇକାରୀ ମୁଦ୍ରାସ୍ଫୀତି ଉପରେ ଏହାର ଦୁର୍ବାର ଚାପ ସ୍ପଷ୍ଟ ହୋଇଥାଏ : ମାର୍ଚ୍ଚରେ ଏହା ଏକ ନଗଣ୍ୟ ୧.୦୫ ଶତାଂଶ ଥିବା ବେଳେ ଏପ୍ରିଲରେ ତାହା ହୋଇଥିଲା ୨୪.୭୧ ଶତାଂଶ । ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେଇ ସମୟ କାଳରେ 'ଅଶୋଧିତ ତୈଳ ମୁଦ୍ରାସ୍ଫୀତି' ହୋଇଥିଲା ୮୮.୦୬ ଶତାଂଶ । ଏହା ଘୋର ଚିନ୍ତାଜନକ ବୋଧ ହେଉଥିଲେ ହେଁ ଏହା ସଂପୂର୍ଣ୍ଣ ଚିତ୍ର ନୁହେଁ । ଖାଉଟିମାନଙ୍କୁ ଯାହା ସିଧାସଳଖ ପ୍ରଭାବିତ କରିଥାଏ, ତାହା ହେଉଛି 'ଖାଉଟି ମୁଦ୍ରାସ୍ଫୀତି ହାର' ('କନ୍‌ସ୍ୟୁମର୍ ପ୍ରାଇସ୍ ଇନ୍‌ଫ୍ଲେସନ୍'- 'ସିପିଆଇ') । ପାଇକାରୀ ମୁଦ୍ରାସ୍ଫୀତି ହେଉଛି ଦରଦାମ ସ୍ରୋତର ଉପରମୁଣ୍ଡରେ ଘଟୁଥିବା ବୃଦ୍ଧି- ଖାଉଟିମାନଙ୍କ ପାଖରେ ପହଂଚିବା ପୂର୍ବରୁ ଉତ୍ପାଦନକାରୀମାନଙ୍କୁ ବହନ କରିବାକୁ ପଡୁଥିବା ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି । ଏହି ବୃଦ୍ଧି ସ୍ରୋତର ତଳମୁଣ୍ଡରେ ପହଂଚି ଖାଉଟି ମୁଦ୍ରାସ୍ଫୀତିକୁ ପ୍ରଭାବିତ କରିବାକୁ ପ୍ରାୟ ଛ'ରୁ ଆଠ ସପ୍ତାହ ପର୍ଯ୍ୟନ୍ତ ସମୟ ଲାଗିଥାଏ । ତେଣୁ ଏପ୍ରିଲରେ ଦେଖାଯାଇଥିବା ପାଇକାରୀ ମୁଦ୍ରାସ୍ଫୀତି ତଥା ବିଶେଷ କରି ଇନ୍ଧନ ମୁଦ୍ରାସ୍ଫୀତି ଖାଉଟିମାନଙ୍କ ପକେଟ୍ ?କୁ ଆଘାତ ପହଚାଂଇବାର ବେଳ ପାଖେଇ ଆସୁଛି । ପ୍ରାୟ ସଂପୂର୍ଣ୍ଣ ରୂପେ ତୈଳ ଆମଦାନି ଉପରେ ନିର୍ଭର କରୁଥିବା ଭାରତ ଏଭଳି ସଂକଟର ମୁକାବିଲା ଉଦ୍ଦେଶ୍ୟରେ ପ୍ରାୟ ଦଶ ଦିନର ଆବଶ୍ୟକତା ପୂରଣ କରିପାରିବା ଭଳି ତୈଳ ମହଜୁଦ କରି ରଖିଥାଏ । କହିବା ବାହୁଲ୍ୟ, ଦେଶର ୧୪୦ କୋଟି ଲୋକଙ୍କ ପାଇଁ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହୋଇଥାଏ । ସରକାର ନାଚାର ହୋଇ ବର୍ତ୍ତମାନ ଚାହିଦା ନିୟନ୍ତ୍ରଣ କରିବା ଲାଗି ପେଟ୍ରୋଲ ଓ ଡିଜେଲ ଦରରେ ଯେଉଁ କିଂଚିତ ବୃଦ୍ଧି ଘଟାଇଛନ୍ତି, ସେଥିଯୋଗୁଁ ମଧ୍ୟ ପାଇକାରୀ ମୁଦ୍ରାସ୍ଫୀତି ଓ ପରେ ପରେ ଖାଉଟି ମୁଦ୍ରାସ୍ଫୀତି ପ୍ରଭାବିତ ହେବାର ଦୃଢ଼ ସମ୍ଭାବନା ରହିଛି । ରୁଷିଆରୁ ତୈଳ ଆମଦାନି ମାଧ୍ୟମରେ ଭାରତ ଏଇ ସମସ୍ୟାର ଆଂଶିକ ମୁକାବିଲା କରିବାକୁ ଚେଷ୍ଟା କରୁଥିବା ବେଳେ ଟ୍ରମ୍ପ ଏବେ ରୁଷୀୟ ତୈଳ ଉପରେ ପୁଣି ବାସନ୍ଦ ବଳବତ୍ତର କରିବାକୁ ନିଷ୍ପତି ନେଇ ଭାରତକୁ ଅଡୁଆରେ ପକାଇଲେଣି । ଆଶ୍ୱସ୍ତିର କଥା ହେଉଛି ରୁଷିଆ ଭାରତକୁ ଯଥେଷ୍ଟ ପରିମାଣର ଅଶୋଧିତ ତୈଳ ଯୋଗାଇବା ପାଇଁ ସର୍ବଦା ପ୍ରସ୍ତୁତ ଅଛି ଏବଂ ସଂଯୋଗବଶତଃ ଭାରତର ତୈଳ ବିଶୋଧନାଗାରମାନଙ୍କରେ ଯେଉଁ କିସମର ଅଶୋଧିତ ତୈଳ ବିଶୋଧନ ନିମିତ ଉପଯୁକ୍ତ ବିବେଚିତ ହୋଇଥାଏ, ରୁଷୀୟ ତୈଳ ସେଇ କିସମର ହୋଇଥାଏ । ଭାରତକୁ ବର୍ତ୍ତମାନ ତେଣୁ ଆମେରିକୀୟ ବାସନ୍ଦକୁ ଏଡ଼ାଇ ରୁଷିଆରୁ ତୈଳ ଆମଦାନି କରିବା ପାଇଁ ବିଭିନ୍ନ ସଚାଂଳନଗତ, ବିତୀୟ ଓ କୂଟନୈତିକ କୌଶଳ ଅବଲମ୍ବନ କରିବାକୁ ହେବ । ଉଦାହରଣ ସ୍ୱରୂପ ମୂଲ୍ୟ ପୈଠ ପାଇଁ ଆମେରିକୀୟ ଡଲାରଭିତ୍ତିକ 'ସ୍ୱିଫ୍‌ଟ' ବ୍ୟବସ୍ଥା ବ୍ୟବହାର ନ କରି ଭାରତୀୟ ଆମଦାନିକାରୀମାନେ ଅଣ-ପାଶ୍ଚାତ୍ୟ ମୁଦ୍ରା ବ୍ୟବହାର କରିପାରିବେ । 'ଭୋଷ୍ଟ୍ରୋ ଏକାଉଂଟ' ମାଧ୍ୟମରେ ଏଥିପାଇଁ ଉଭୟ ପକ୍ଷ ପରସ୍ପରର ମୁଦ୍ରା (ଟଙ୍କା-ରୁବ୍‌ଲ) ବ୍ୟବହାର କରିପାରିବେ । ଆମେରିକୀୟ ବାସନ୍ଦ ମୁଖ୍ୟତଃ 'ରସ୍‌ନେଫ୍‌ଟ' ଓ 'ଲୁକ୍‌ଅଏଲ' ପରି ବଡ଼ବଡ଼ ରୁଷୀୟ ତୈଳ କଂପାନିଙ୍କ ପ୍ରତି ଲାଗୁ ହୋଇଥିବା ବେଳେ ଭାରତୀୟ କଂପାନିମାନେ ଅନ୍ୟାନ୍ୟ ଅଖ୍ୟାତ ରୁଷୀୟ କଂପାନିମାନଙ୍କ ମାଧ୍ୟମରେ ଆମଦାନି ଅବ୍ୟାହତ ରଖିପାରିବେ । ତୈଳ ପରିବହନ ପାଇଁ 'ଛାୟା ଜାହାଜ'ମାନଙ୍କର ବ୍ୟବହାର ଦ୍ୱାରା ମଧ୍ୟ ଆମେରିକୀୟ ବାସନ୍ଦ ଜାଲରୁ ଖସିଯାଇ ହୋଇଥାଏ । ଏଥିସହିତ ଭାରତ ତା'ର କୂଟନୈତିକ ନୈପୁଣ୍ୟ ବ୍ୟବହାର କରି ବାସନ୍ଦରୁ ଆଂଶିକ ରିହାତି ପାଇବାକୁ ଚେଷ୍ଟା କରିପାରେ । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମୟରେ 'ୟୁଏଇ' ସହିତ ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ନିକଟ ଭବିଷ୍ୟତରେ ଫୁଜାଇରା ବନ୍ଦର ଦେଇ 'ୟୁଏଇ' ଭାରତକୁ ତୈଳ ଯୋଗାଣରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି । ସୂଚନାଯୋଗ୍ୟ ଫୁଜାଇରା ହେଉଛି ହର୍ମୁଜ ପ୍ରଣାଳୀ ବାହାରେ ଅବସ୍ଥିତ ଏକ ବନ୍ଦର । ତେବେ ଯେହେତୁ ରୁଷିଆ ରିହାତି ଦରରେ ଭାରତକୁ ତୈଳ ଯୋଗାଇବାକୁ ପ୍ରସ୍ତୁତ ଅଛି, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଦୃଷ୍ଟିରୁ ଭାରତ ମଧ୍ୟପ୍ରାଚ୍ୟ ବଦଳରେ ରୁଷିଆରୁ ଅଧିକ ତୈଳ ଆମଦାନି କରିବା ଉଚିତ ହେବ । ଅବଶ୍ୟ ଯୁଦ୍ଧର ଅବସାନ ଘଟି ସ୍ଥିରତା ପ୍ରତ୍ୟାବର୍ତ୍ତନ କରିବା ପରେ ରୁଷିଆ ଆଉ ରିହାତି ଦରରେ ତୈଳ ଯୋଗାଇ ଚାଲିବ କି ନାହିଁ, ତାହା ଜଣାନାହିଁ । ସେତେବେଳେ ଉପସ୍ଥିତ ପରିସ୍ଥିତିକୁ ବିଚାରକୁ ନେଇ ଭାରତକୁ ସେଇ ଅନୁଯାୟୀ ରଣକୌଶଳ ଅବଲମ୍ବନ କରିବାକୁ ହେବ । ପାଇକାରୀ ମୁଦ୍ରାସ୍ଫୀତିରେ ବର୍ତ୍ତମାନ ଦେଖାଯାଇଥିବା ଉଚ୍ଚ ଡିଆଁ ଚିନ୍ତାଜନକ ହୋଇଥିଲେ ହେଁ, ଆମକୁ ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ଏହା ସତ୍ତ୍ୱେ ଭାରତୀୟ ଅର୍ଥନୀତି ହାସଲ କରିଚାଲିଥିବା ଦ୍ରୁତ ଅଭିବୃଦ୍ଧି ଅବ୍ୟାହତ ରହିଥାଏ । ତେବେ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଲେ ମୁଦ୍ରା ଆକାରରେ ଅର୍ଥନୀତି ହାସଲ କରୁଥିବା ଅଭିବୃଦ୍ଧି ଓ ବାସ୍ତବ ଅଭିବୃଦ୍ଧି ମଧ୍ୟରେ ଦେଖାଯାଉଥିବା ତଫାତ୍ ସଂପ୍ରସାରିତ ହୋଇଥାଏ । ବାସ୍ତବ ଅଭିବୃଦ୍ଧି ହାର ଅନୁସାରେ ଭାରତ ଏବେ ମଧ୍ୟ ପୃଥିବୀର ଦ୍ରୁତତମ ବର୍ଦ୍ଧିଷ୍ଣୁ ଅର୍ଥନୀତିର ସ୍ଥାନ ଦଖଲ କରି ରହିଛି । ଏହି ସ୍ଥାନ ଦୀର୍ଘ କାଳ ଧରି ବଜାର ରଖିବା ପାଇଁ ଆମର ମାତ୍ର ଦଶ ଦିନର ସଂକଟକାଳୀନ ତୈଳ ମହଜୁଦ ଯେ ଯଥେଷ୍ଟ ହେବ ନାହିଁ, ବର୍ତ୍ତମାନର ସଂକଟରୁ ଆମେ ତାହା ଶିକ୍ଷା ଲାଭ କରିବା ଉଚିତ । ଭାରତ ଭଳି ଏକ ବିଶାଳ ଦେଶ ତଥା ବୃହତ୍ ଅର୍ଥନୀତି ପାଇଁ ଅନ୍ୟୂନ ତିରିଶ ଦିନର ଆବଶ୍ୟକତା ପୂରଣ କଲାଭଳି ସଂକଟକାଳୀନ ତୈଳଭଣ୍ଡାର ସୃଷ୍ଟି କରିବା ଯୁକ୍ତିଯୁକ୍ତ ମନେ ହୋଇଥାଏ । ଯେହେତୁ ସଂକଟ ବର୍ତ୍ତମାନ ଏକ ନିୟମିତ ଘଟଣାରେ ପରିଣତ ହେବାକୁ ଲାଗିଲାଣି, ଏଥିରେ ଆଉ ବିଳମ୍ବ କରିବା ଉଚିତ ନୁହେଁ ।

ଏକାନ୍ତବାସୀଙ୍କ ରାଜ୍ୟ !

ଏକଛତ୍ରବାଦୀ ଶାସକମାନେ ଶାସିତମାନଙ୍କୁ କିଭଳି ଦୃଷ୍ଟିରେ ଦେଖନ୍ତି ତା'ର ଏକ ଧାରଣା ମିଳିଥାଏ ଇରାନର ଶାହ ବଂଶର ପ୍ରଥମ ଶାସକ ରେଜା ଶାହଙ୍କ ଜୀବନର ଏକ ଘଟଣାରୁ । ପ୍ରସିଦ୍ଧ ଓଡ଼ିଆ କଥାକାର ସ୍ୱର୍ଗତ ମନୋଜ ଦାସ ତାଙ୍କ ଅନବଦ୍ୟ ଭ୍ରମଣ କାହାଣୀ 'ଦୂର ଦୂରାନ୍ତ'ରେ ଏହାର ଅବତାରଣା କରିଛନ୍ତି । କୁହାଯାଏ ଯେ ପ୍ୟାରିସ୍ ? ଭ୍ରମଣରେ ଯାଇଥିବା ରେଜା ଶାହଙ୍କୁ ଫରାସୀ ବିପ୍ଳବ ସମୟର 'ଗିଲୋଟିନ୍'କୁ ଦେଖାଇ ତା' ବିଷୟରେ ବୁଝାଇ ଦିଆଯାଉଥିବା ବେଳେ ସେ କୁଆଡ଼େ ତା'ର ଧାର ପରୀକ୍ଷା କରିବାକୁ ଚାହିଁ ନିଜର ପରିଚାରକମାନଙ୍କ ଭିତରୁ ଜଣକୁ ଭିଡ଼ି ଆଣି କହିଥିଲେ : 'ଏଇଟିକୁ କାଟ, ଦେଖିବା ।' ଗଲା ଗୁରୁବାର ଦିନ ବିଭିନ୍ନ ସମ୍ବାଦପତ୍ର, ନିଉଜ୍ ଚ୍ୟାନେଲ ଓ ସାମାଜିକ ଗଣମାଧ୍ୟମରେ ଯେଉଁ ଏକ ଅବିଶ୍ୱସନୀୟ ଖବର ପ୍ରକାଶିତ ଓ ପ୍ରସାରିତ ହୋଇ ଏକାଧାରରେ ବିସ୍ମୟ, ଆଲୋଡ଼ନ ଏପରିକି କୌତୂହଳ ଜାତ କରିଛି, ତାହା ହେଲା ଉତ୍ତର କୋରିଆରେ ଦେଖା ଦେଇଥିବା ଅତ୍ୟନ୍ତ ପ୍ରଳୟଙ୍କରୀ ବନ୍ୟା ଲାଗି ଦୋଷୀ ସାବ୍ୟସ୍ତ କରି ୩୦ ଜଣ ସରକାରୀ କର୍ମଚାରୀଙ୍କୁ ସେଠାକାର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନଙ୍କ ଆଦେଶରେ ମୃତ୍ୟୁ ଦଣ୍ଡ ପ୍ରଦାନ । ଜଳବାୟୁ ପରିବର୍ତ୍ତନ କାରଣରୁ ପୃଥିବୀର ପ୍ରାୟ ସର୍ବତ୍ର ଅତିବୃଷ୍ଟିଜନିତ ବନ୍ୟା ବିଭୀଷିକାମାନ ଦେଖିବାକୁ ମିଳୁଥିଲେ ହେଁ କିମ୍‌ଙ୍କ ଧାରଣା ଯେ ବନ୍ୟା ପରିଚାଳନାରେ ମନୁଷ୍ୟକୃତ ତ୍ରୁଟି ହେତୁ ଏଭଳି ଘଟିଲା ; ସୁତରାଂ ଏଭଳି ଦଣ୍ଡ ସ୍ୱାଭାବିକ ଓ ସଂପୂର୍ଣ୍ଣ ଯଥାର୍ଥ । ଏହା କହିବା ଅନାବଶ୍ୟକ ଯେ ପୃଥିବୀର ସର୍ବାଧିକ ନିବୁଜ ରାଷ୍ଟ୍ର ଭାବେ ଖ୍ୟାତ ଉତ୍ତର କୋରିଆରୁ ସମୟ ଅସମୟରେ ଖବରର ଯେଉଁ ସବୁ କ୍ଷୁଦ୍ର ବୁନ୍ଦାମାନ ଝରିଥାଏ, ତହିଁରୁ ସେଠାରେ ହେଉଥିବା ଅଣୁ ଅସ୍ତ୍ରର ସଘନ ପ୍ରସାର ବା ଏଭଳି ଉଦ୍ଭଟ ପ୍ରାଣଦଣ୍ଡଗୁଡ଼ିକ ସମ୍ବନ୍ଧରେ ଜଣାପଡ଼ିଥାଏ । ଯଦିଓ, ସାମାଜିକ ଗଣମାଧ୍ୟମ ଜରିଆରେ ଏହା ଜଣାପଡ଼ିଲାଣି ଯେ ପାଶ୍ଚାତ୍ୟ ମିଡିଆ ଦ୍ୱାରା ଉତ୍ତର କୋରିଆର ଚିତ୍ରଣ କେତେକାଂଶରେ ବିଭ୍ରାନ୍ତିକର ଓ ପୂର୍ବାଗ୍ରହପ୍ରସୂତ, କିନ୍ତୁ ଏଥିରେ ମଧ୍ୟ ଦ୍ୱିରୁକ୍ତି ନାହିଁ ଯେ ୧୯୪୭ ମସିହାରୁ ଏ ଯାବତ୍, ଅଢ଼େଇ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ରାଷ୍ଟ୍ରକୁ ସଂପୂର୍ଣ୍ଣ କରାୟତ କରି ରଖିଥିବା କିମ୍ ପରିବାରର ତିନି ପିଢ଼ିର ଉତ୍ତରାଧିକାରୀମାନେ ଯେଉଁ ଶାସନ ପଦ୍ଧତି ଅବଲମ୍ବନ କରିଛନ୍ତି, ତାହା ଯେ କୌଣସି ଏକଛତ୍ରବାଦୀ ଶାସକ ସକାଶେ ଏକ 'ୟୁଜର୍ସ ମାନୁଆଲ୍'ତୁଲ୍ୟ ହେବ, ଯେଉଁ ଶାସନ ପଦ୍ଧତିର ଦୁଇ ମୁଖ୍ୟ ଉପାଦାନ ହେଲା ରାଷ୍ଟ୍ରକୁ ବାହ୍ୟ ପ୍ରଭାବରୁ ସଂପୂର୍ଣ୍ଣ ଅବରୁଦ୍ଧ କରି ରଖିବା ଏବଂ ତୁଚ୍ଛ କାରଣରୁ ହୋଇଥିଲେ ହେଁ ପ୍ରାଣଦଣ୍ଡ ନେଇ ଜନସମାଜରେ ଗଭୀର ଭୟର ବାତାବରଣ ସୃଷ୍ଟି କରିବା । ଏଥି ସହିତ ଏହା ମଧ୍ୟ ପ୍ରତିପାଦନ କରିବାର ଉଦ୍ୟମ ହୋଇଥାଏ ଯେ ରାଷ୍ଟ୍ର ଓ ଜନସମୁଦାୟଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ପଦକ୍ଷେପ ବାଞ୍ଛନୀୟ ! ଉଲ୍ଲେଖଯୋଗ୍ୟ ଯେ ଉତ୍ତର କୋରିଆରେ ଏ ପର୍ଯ୍ୟନ୍ତ ପ୍ରକାଶ୍ୟରେ ଓ ସର୍ବ ସମକ୍ଷରେ ମୃତ୍ୟୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି, ଯାହା ସଂପ୍ରତି କେବଳ ଇରାନ, ସୋମାଲିଆ ଓ ଆଫଗାନିସ୍ତାନ ଭଳି ଆଉ ମାତ୍ର ତିନିଟି ରାଷ୍ଟ୍ରରେ ବଳବତର ଅଛି । ଏ ସମ୍ବନ୍ଧରେ 'କୋରିଆ ଟାଇମ୍‌ସ'ରେ ପ୍ରକାଶିତ ଏକ ଖବର କହିଥାଏ ଯେ କୋଭିଡ୍ ପାନ୍‌ଡେମିକ୍ ପୂର୍ବବର୍ତୀ ସମୟରେ ଏ ଧରଣର ମୃତ୍ୟୁ ଦଣ୍ଡ ସଂଖ୍ୟା ବାର୍ଷିକ ହାରାହାରି ୧୦ରେ ସୀମିତ ଥିବାବେଳେ ବର୍ତ୍ତମାନ ତହିଁରେ ପ୍ରାୟ ଦଶ ଗୁଣ ବୃଦ୍ଧି ଦେଖିବାକୁ ମିଳୁଛି । 'ଦ ଗାର୍ଡିଆନ୍'ରେ ପ୍ରକାଶିତ ଏକ ଆଲେଖ୍ୟରୁ ଜଣାପଡ଼େ ଯେ ଉତର କୋରିଆରେ ଏଭଳି ପ୍ରାଣଦଣ୍ଡକୁ ଉପଭୋଗ କରିବା ସକାଶେ ସ୍ଥାନୀୟ ଜନସାଧାରଣଙ୍କୁ ବାଧ କରାଯାଏ ଏବଂ ସେହି ଦିନ ସେ ଅଂଚଳର ବ୍ୟବସାୟ ପ୍ରତିଷ୍ଠାନ ଓ ଦପ୍ତର ଆଦିକୁ ବନ୍ଦ ମଧ୍ୟ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଓଡ଼ିଶାର ଦ୍ୱିତୀୟ ତଥା ଦେଶର ତୃତୀୟ 'ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍' ଝାରସୁଗୁଡ଼ାରେ ଲୋକାର୍ପିତ

ଝାରସୁଗୁଡ଼ା,୨୪/୫(ନି/ପ୍ର): ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ାଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍' । ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ଏହି ଗୌରବମୟ ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋକୋମି ହାସିମୋଟୋ, ହିଂମାଶୁ ବଳ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଓଡ଼ିଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ' ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଯୋଗୁଁ ଆଜି ଓଡ଼ିଶାର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ମିଳିଛି। ରାଜ୍ୟର ପ୍ରତିଟି ଗରିବ ଓ ନିଷ୍ପେଷିତ ଲୋକଙ୍କ ଗର୍ବ ଏବଂ ସମ୍ମାନ ରକ୍ଷା କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଖାଦ୍ୟ ବିନା ଯେମିତି କାହାରି ପେଟ ଉପାସ ନ ରହେ, ସେଥିପାଇଁ ଆମେ ସଂକଳ୍ପବଦ୍ଧ। ଏହି କ୍ରମରେ ରାଜ୍ୟ ସରକାରଙ୍କ ଏକ ବଡ଼ ଉପଲବ୍ଧି ସ୍ୱରୂପ ଏବେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୧୦ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି। ଏଥିସହିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଆହୁରି ଅଧିକ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି, ଯାହା ଗରିବ ପରିବାର ଗୁଡ଼ିକୁ ଆର୍ଥିକ ଓ ସାମାଜିକ ସ୍ତରରେ ବେଶ୍ ସମୃଦ୍ଧ କରିବ।' ମନ୍ତ୍ରୀ ଶ୍ରୀ ପାତ୍ର ଆଗାମୀ ଦିନର ରୋଡ୍ ମ୍ୟାପ୍ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ହିତାଧିକାରୀମାନଙ୍କୁ ଯେପରି କୌଣସି ଅନାବଶ୍ୟକ ଶ୍ରମ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ, ସେଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକ ସ୍ତରରେ ମଧ୍ୟ ଏହି ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ। ଏହି ଯୋଜନା ଅଧୀନରେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୫୫ଟି ନୂତନ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଓଡ଼ିଶାର ଇତିହାସରେ ଏକଦା ଆମେ 'ନଅଙ୍କ ଦୁର୍ଭିକ୍ଷ' ଭଳି ଭୟଙ୍କର ସମୟର ସାମ୍ନା କରିଛୁ। ମରୁଡ଼ି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଆମ ଓଡ଼ିଆ ଜାତି ବହୁ କଷ୍ଟ ଭୋଗିଛି। କିନ୍ତୁ ଆଜି ସମୟ ବଦଳିଛି। ଆମ ସରକାରଙ୍କ ସଂକଳ୍ପ ହେଉଛି—ଓଡ଼ିଆ ଜାତିର ପ୍ରତିଟି ଲୋକ ଯେମିତି ଦୁଇ ମୁଠା ଖାଇବାକୁ ପାଆନ୍ତୁ, ସମସ୍ତଙ୍କ ପେଟ ପୂରୁ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ହେଉ। ସରକାରଙ୍କ ଏହି ନୂତନ ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୟାସ ସତରେ ଅତ୍ୟନ୍ତ ପ୍ରଶଂସନୀୟ। ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ତାଙ୍କ ବିଭାଗ ଯେଉଁଳି ସକ୍ରିୟ ଭାବେ ଚାଷୀ ଏବଂ ଗରିବ ଲୋକଙ୍କ ପାଇଁ କାମ କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ

ବେଆଇନ ସିଲିଣ୍ଡର ବ୍ୟବହାର ଉପରେ ଚଢ଼ାଉ : ୭ ସିଲିଣ୍ଡର ଜବତ

ସମ୍ବଲପୁର,୨୪/୫(ନି/ପ୍ର): ଜିଲ୍ଲା ଯୋଗାଣ ବିଭାଗ ସ୍କ୍ୱାର୍ଡ ଅଚାନକ ଅଇଁଠାପାଲି ଛକ ସ୍ଥିତ ଏକ ଟିଫିନ୍ ସେଂଟରରେ ଚଢ଼ାଉ କରିଥିଲା। ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ନେଇ ସମ୍ପୃକ୍ତ ଦୋକାନ ମାଲିକ କେ. ଅଶୋକ ମୁଦୁଲିଙ୍କ ବିରୋଧରେ କେହି ବିରୋଧି ଅଭିଯୋଗ କରିବା ପରେ ବିଭାଗୀୟ ସ୍କ୍ୱାର୍ଡ ହଠାତ୍ ଦୋକାନ ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟୀକ ଭିତିରେ ବ୍ୟବହାର ହେଉଥିବା ଚିହ୍ନଟ ହୋଇଥିଲା ।ସୂଚନା ଅନୁଯାୟୀ ୨ଟି ଖାଲି ଥିବା ବିପିସିଏଲ୍ ଘରୋଇ ସିଲିଣ୍ଡର, ୪ଟି ଖାଲି ଥିବା ଏଚପିସିଏଲ୍ ଘରୋଇ ସିଲିଣ୍ଡର, ୧ଟି ଗ୍ୟାସ୍ ଭର୍ତି ସିଲିଣ୍ଡର ସହିତ ନେଟ୍ ଓଜନ ୬.୧୦ କିଲୋଗ୍ରାମ ଥିବା ଆଇଓସିଏଲ୍ ଘରୋଇ ସିଲିଣ୍ଡର ଜବତ କରାଯାଇଥିବା ଜଣାପଡ଼ିଛି । ସହରରେ ବେଆଇନ ଭାବେ ଜାଳେଣୀ ଗ୍ୟାସର କଳାବଜାରୀ ଓ ବେଆଇନ ବ୍ୟବହାର ଉପରେ ନିଜ ପରିଚୟକୁ ଗୁପ୍ତ ରଖି ଅନେକ ସୂଚନାଦାତାଙ୍କ ସୂଚନା ଯୋଗାଣ ବିଭାଗର ଚଢାଉକୁ ବେଶ୍ ସୁଗମ କରୁଥିବା କୁହାଯାଉଛି । ଏହିପରି ଲୋକେ ସଚେତନ ରହି ଆଗାମୀ ଦିନରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଇଲେ ସମାଜ ଦୁର୍ନୀତିମୁକ୍ତ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଭିମ୍‌ସାର ଅସ୍ତ୍ରୋପଚାରରେ ବଡ଼ ସଙ୍କଟ : ଛୋଟ ଅସ୍ତ୍ରୋପଚାର ପାଇଁ ଆସି ୨ ମୃତ, ୨ ଆଇସିୟୁରେ

ସମ୍ବଲପୁର,୨୪/୫(ନି/ପ୍ର) :ବୁର୍ଲାର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ର ଇଏନ୍‌ଟି ବିଭାଗରେ ନାକରେ ମାଂସ ବଢ଼ିଯିବାରୁ ୨୪ ବର୍ଷୀୟ ସଙ୍କେତ ସାହୁଙ୍କର ମାମୁଲି ଅସ୍ତ୍ରୋପଚାର ହୋଇଥିଲା । ହେଲେ ଅସ୍ତ୍ରୋପଚାରର ଦିନକ ପରେ ତାଙ୍କର ଯକୃତ, ବୃକକ୍ ଓ ଫୁସ୍‌ଫୁସ୍ ଏକାସାଙ୍ଗରେ ଖରାପ ହେବା ଘଟଣା ସମ୍ବଲପୁରରେ ଆଲୋଡ଼ନ ସୃଷ୍ଟି କରିଛି । ଅଧିକ ଚକିତ କଲା ଭଳି ବିଷୟ ହେଲା, ଛୋଟ ଧରଣର ଅସ୍ତ୍ରୋପଚାର ପାଇଁ ଆସି ଶରୀରର ମୂଲ୍ୟବାନ ଅଙ୍ଗ ଅଚଳ ହେବାଭଳି ଅତି କମ୍‌ରେ ୫ଟି ଅଘଟଣ ଏହି କିଛିଦିନ ମଧ୍ୟରେ ଭିମ୍‌ସାରରେ ଘଟିସାରିଛି । ଏଥିରୁ ୨ ଜଣଙ୍କ ମୃତ୍ୟୁ ହୋଇସାରିଛି । ଏହାର କାରଣ ଖୋଜି ବାହାର କରାଯାଉ ନାହିଁ। ରାଜ୍ୟର ଏକ ଅଭିଜ୍ଞ ସ୍ୱାସ୍ଥ୍ୟ ଟିମ୍ ଭିମ୍‌ସାର ଆସି ମୃତ୍ୟୁର କାରଣ ଖୋଜିବାର ଆବଶ୍ୟକତା ଥିବା ଚିକିତ୍ସକ ମହଲରେ ମତପ୍ରକାଶ ପାଉଛି । କିଛିଦିନ ପୂର୍ବରୁ ଭିମସାରରେ ଜଣେ ମହିଳାଙ୍କ ବ୍ରେଷ୍ଟ ଅସ୍ତ୍ରୋପଚାର ହୋଇଥିଲା । ଅସ୍ତ୍ରୋପଚାର ସବୁ ଠିକ୍ ଥିଲା, ମହିଳା ସୁସ୍ଥ ଥିଲେ । କିଛି ସମୟ ପରେ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇ ପଡ଼ିବାରୁ ସେ ଆଇସିୟୁରେ ଭର୍ତି ଅଛନ୍ତି । ଆଉଜଣେ ରୋଗୀ ମଧ୍ୟ ସମାନ ଢଙ୍ଗରେ ଅସ୍ତ୍ରୋପଚାର ପରେ ଅଙ୍ଗ ହରାଇ ଆଇସିୟୁକୁ ଯାଇଛନ୍ତି । ଆଉ ଦୁଇଜଣ ରୋଗୀଙ୍କର ସାଧାରଣ ଅସ୍ତ୍ରୋପଚାର ପରେ ମୃତ୍ୟୁ ହୋଇଯାଇଛି । ଦୁତିକା ନାୟକ ନାମ୍ନୀ ଆଉଜଣେ ରୋଗୀଙ୍କ ଅବସ୍ଥା ଅତି ଜଟିଳ ହୋଇପଡ଼ିଥିଲା । ତାଙ୍କୁ ଆଇସିୟୁ ନ ମିଳିବାରୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଯେଉଁ ଉପକରଣ ଷ୍ଟେରଲାଇଜ୍ ହୋଇଆସୁଛି, ସେଥିରୁ ହିଁ କିଛି ସମସ୍ୟା ହେଉଥିବା ଆଶଙ୍କା କରାଯାଉଛି । ଏଥିରେ କେବଳ ଇଏନ୍‌ଟି ନୁହେଁ, ଅନ୍ୟ ବିଭାଗରେ ବି ଅସ୍ତ୍ରୋପଚାର ବେଳେ ଉପକରଣ ବ୍ୟବହାର ପରେ ଏଭଳି ଅଘଟଣ ଘଟୁଥିବା କୁହାଯାଉଛି । ବିଶେଷଜ୍ଞ ଦଳ ଭିମ୍‌ସାର ଆସି ତଦନ୍ତ ନକଲେ, ଆଗାମୀ ଦିନରେ ଆହୁରି ଅନେକ ଅଘଟଣ ଘଟିବା ଆଶଙ୍କା ରହିଛି । କେବଳ ସଙ୍କେତ ନୁହନ୍ତି, ତାଙ୍କ ସହିତ ଅନ୍ୟମାନଙ୍କ ଘଟଣାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେବାକୁ ଦାବି ହେଉଛି । ଭିମ୍‌ସାର ଅଧୀକ୍ଷକ କହିଛନ୍ତି, ସାଧାରଣ ଅସ୍ତ୍ରୋପଚାର ପାଇଁ ଆସି ୨ ଜଣଙ୍କ ସହିତ ଏଭଳି ଘଟଣା ଘଟିଥିବା ତାଙ୍କ ନଜରକୁ ଆସିଛି । ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି ।

ଝାରସୁଗୁଡ଼ାରେ ପୁଣି ସକ୍ରିୟ ବେଆଇନ ପାଉଁଶ କାରବାର ମୁଖ୍ୟମନ୍ତ୍ରୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଝାରସୁଗୁଡ଼ା,୨୪/୫(ନି/ପ୍ର): ଝାରସୁଗୁଡ଼ା ଅଂଚଳରେ ପୁଣିଥରେ ବେଆଇନ ପାଉଁଶ କାରବାର ସକ୍ରିୟ ହୋଇଥିବା ଅଭିଯୋଗ ଉଠିଛି । ଏନେଇ ଗତକାଲି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତକରି ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରିଛନ୍ତି । ପତ୍ରରେ ଝାରସୁଗୁଡ଼ାର ପରିବେଶ ଓ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉପରେ ଏହାର ଗୁରୁତର ପ୍ରଭାବ ପଡୁଥିବା କଥା ଉଲ୍ଲେଖ କରିଛନ୍ତି ।ଦାବିପତ୍ରରେ କୁହାଯାଇଛି ଯେ, ସାଧାରଣ ନିର୍ବାଚନ ପରେ କିଛି ସମୟ ପାଇଁ ବନ୍ଦ ଥିବା ବେଆଇନ ପାଉଁଶ ପକା କାର୍ଯ୍ୟ ପୁଣି ଥରେ ଝାରସୁଗୁଡ଼ା ଅଂଚଳରେ ଜୋରଦାର ଭାବେ ଚାଲିଛି । ବିଶେଷ କରି ଭେଡ଼େନ ଓ ଇବ୍ ନଦୀ କୂଳ ସହ ଚାଷଜମିରେ ବହୁ ପରିମାଣରେ ପାଉଁଶ ପକାଯାଉଥିବା ଅଭିଯୋଗ କରିଛନ୍ତି । କିଛି ଅସାଧୁ ଲୋକ ସାଧାରଣ ଲୋକଙ୍କ ଜମି ଓ ନଦୀକୂଳରେ ଜବରଦସ୍ତି ପାଉଁଶ ପକାଉଥିବାରୁ ସ୍ଥାନୀୟ ଲୋକ ଅତିଷ୍ଠ ହୋଇପଡ଼ିଛନ୍ତି । ବିଗତ ୧୦ ବର୍ଷ ଧରି ଚାଲିଥିବା ଏହି ବେଆଇନ କାରବାର ଯୋଗୁଁ ଅଂଚଳର ପରିବେଶ ଭାରି କ୍ଷତିଗ୍ରସ୍ତ ହୋଇଛି । ନିକଟତମ ସମୟରେ ପରିବେଶରେ କିଛି ସୁଧାର ଆସୁଥିବା ବେଳେ ପୁଣିଥରେ ପାଉଁଶ ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁଁ ପରିସ୍ଥିତି ଜଟିଳ ହୋଇପଡ଼ିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପରିବେଶ ବିଶେଷଜ୍ଞ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ବିଗତ ୧୦ ବର୍ଷର ସମସ୍ତ ବେଆଇନ ପାଉଁଶ କାରବାରର ତଦନ୍ତ ସହ ଭେଡ଼େନ ଓ ଇବ୍ ନଦୀର ସୁରକ୍ଷା ପାଇଁ ସ୍ଥାୟୀ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି । ସେହିପରି ପରିବେଶ ନିୟମ ଉଲ୍ଲଂଘନ କରୁଥିବା ଟ୍ରାନ୍ସପୋର୍ଟରମାନଙ୍କୁ କଳାତାଲିକାଭୁକ୍ତ କରିବା ସହ ଏହି କାରବାରରେ ସଂପୃକ୍ତ କମ୍ପାନୀ ଓ ସରକାରୀ-ବେସରକାରୀ ସ୍ତରର ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି । ଝାରସୁଗୁଡ଼ାର ପରିବେଶ ସୁରକ୍ଷା ଓ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ଶୀଘ୍ର ପଦକ୍ଷେପ ନେବେ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ହାଇଦ୍ରାବାଦ-ଝାରସୁଗୁଡ଼ା-ଭୁବନେଶ୍ୱର ମଧ୍ୟରେ ଷ୍ଟାର୍ ଏୟାରର ବିମାନ ସେବା ପୁଣିଥରେ ଆରମ୍ଭ

ଝାରସୁଗୁଡ଼ା,୨୪/୫(ନି/ପ୍ର): ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଦେଇ ହାଇଦ୍ରାବାଦ-ଝାରସୁଗୁଡ଼ା-ଭୁବନେଶ୍ୱର ମଧ୍ୟରେ ଷ୍ଟାର୍ ଏୟାରର ବିମାନ ସେବା ପୁଣିଥରେ ଆରମ୍ଭ ହୋଇଛି । ପୂର୍ବ ଘୋଷଣା ଅନୁଯାୟୀ ଗୁରୁବାର ଏହି ସେକ୍ଟରରେ ବିମାନ ଚଳାଚଳର ଶୁଭାରମ୍ଭ ହୋଇଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଖୁସିର ମାହୋଲ୍ ସୃଷ୍ଟି ହୋଇଛି । ସୂଚନାନୁଯାୟୀ, ସକାଳ ୮ଟା ୪୦ରେ ହାଇଦ୍ରାବାଦରୁ ଉଡ଼ାଣ ଭରିଥିବା ବିମାନ ପୂର୍ବାହ୍ନ ୧୦ଟା ୨୫ରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚି ଥିଲା । ପରେ ପୂର୍ବାହ୍ନ ୧୧ଟା ୧୦ରେ ଝାରସୁଗୁଡ଼ାରୁ ଉଡ଼ି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟାହ୍ନ ୧୨ଟାରେ ପହଂଚି ଥିଲା । ସେହିପରି ଭୁବନେଶ୍ୱରରୁ ମଧ୍ୟାହ୍ନ ୧୨ଟା ୩୦ରେ ବିମାନ ଉଡ଼ାଣ ଭରି ଝାରସୁଗୁଡ଼ାରେ ଅପରାହ୍ନ ୧ଟା ୨୦ରେ ଅବତରଣ କରିଥିଲା । ପରବର୍ତ୍ତୀରେ ଅପରାହ୍ନ ୧ଟା ୫୦ରେ ବିମାନଟି ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଥିଲା । ବିମାନ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବ୍ୟତୀତ ସପ୍ତାହର ଅନ୍ୟ ସମସ୍ତ ଦିନ ଏହି ରୁଟ୍ ରେ ବିମାନ ସେବା ଜାରି ରହିବ । ପୂର୍ବରୁ ଏହି ସେକ୍ଟରରେ ସେବା ଚାଲୁଥିଲେ ମଧ୍ୟ କିଛି କାରଣବଶତଃ ସାମୟିକ ଭାବେ ବନ୍ଦ ରହିଥିଲା । ଏବେ ପୁଣିଥରେ ସେବା ଆରମ୍ଭ ହୋଇଥିବାରୁ ପଶ୍ଚିମ ଓଡ଼ିଶାର ଯାତ୍ରୀମାନେ ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଉଛି ।

ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶ୍ରମିକର ମୃତ୍ୟୁ

ମୁଖୀଗୁଡା,୨୪/୫: ପାଇପ ସଫା କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି କାମ କରୁଥିବା ଶ୍ରମିକର ମୃତ୍ୟୁ ଘଟିଛି । ଆଜି ଅପରାହ୍ନ ପ୍ରାୟ ୪ଟା୩୦ ମିନିଟ ସମୟରେ ଜୟପାଟଣା ଷ୍ଟେଟ ବ୍ୟାଙ୍କ ନିକଟ ମୁଖ୍ୟ ରାସ୍ତା କଡରେ ଥିବା ପ୍ରାଣ ବେହେରାଙ୍କ କୋଠାରେ ଜୟପାଟଣା ନିକଟ ଟିର୍ଲା ଗ୍ରାମର ପାଇପ ମିସ୍ତ୍ରୀ ଅଧୀନରେ କାମ କରୁଥିବା ସେହି ଗ୍ରାମର ଶ୍ରମିକ ଶାନ୍ତନୁ ପୁଝାରି(୨୫) ଷ୍ଟିଲ ପାଇପ ସାହାଯ୍ୟରେ ପାଇପ ସଫା କରୁଥିବା ବେଳେ କୋଠା ସାମନା ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ ।

ପୁଲିସର ଗୁଳିମାଡ଼ରେ ଅପରାଧୀ ବଟିଂ ସୁନା ଗୁରୁତର

ସମ୍ବଲପୁର,୨୪/୫(ନି/ପ୍ର): ଅପରାଧୀଙ୍କ ବିରୋଧରେ ସମ୍ବଲପୁର ପୁଲିସ କ୍ରମାଗତ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ବିଗତ ୩୬ ଘଣ୍ଟା ମଧ୍ୟରେ ପୁଲିସ ୨ଜଣ କୁଖ୍ୟାତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିଛି। ଆଜି ସନ୍ଧ୍ୟାରେ ପୁଲିସର ଗୁଳିମାଡ଼ରେ ବଟିଂ ସୁନା ଗୁରୁତର ହୋଇଛି। ସମ୍ବଲପୁର ଜିଲ୍ଲା ଚାଳମାଳ ଥାନା ଅଧୀନ ମୋଚିବାହାଲ ନିକଟରେ ବଟିଂ ସୁନାକୁ ପୁଲିସ ଏନ୍‌କାଉଣ୍ଟର କରିଛି। ପୁଲିସକୁ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଆଜି ସୂଚନା ମିଳିଥିଲା ଯେ, ବଟିଂ ସୁନା ସୋନପୁର ଅଂଚଳରୁ ସମ୍ବଲପୁରକୁ ଗଂଜେଇ ଚୋରାଚାଲାଣ କରୁଛି। ସେ ଚାରମାଳ ଥାନା ଅଧୀନ ଜଙ୍ଗଲ ରାସ୍ତାରେ ଅଗ୍ରସର ହେଉଛି। ଏହି ସୂଚନା ଆଧାରରେ ପୁଲିସ ଯୋଜନା ପ୍ରସ୍ତୁତ କରିଥିଲା। ମୋଚିବାହାଲ ଜଙ୍ଗଲ ରାସ୍ତାରେ ସନ୍ଧ୍ୟା ୫ଟା ୪୦ରେ ସନ୍ଦେହରେ ପୁଲିସ ଏକ କାରକୁ ଅଟକାଇଥିଲା। ତେବେ ବଟିଂ ସୁନା ପୁଲିସକୁ ଖାତିର ନକରି ଘଟଣାସ୍ଥଳରୁ ଚମ୍ପଟ ମାରୁଥିଲା। ଏହି ସମୟରେ ସେ ଗାଡ଼ିର ଭାରସାମ୍ୟ ହରାଇଥିଲା। କିନ୍ତୁ ଗାଡ଼ିରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲା। ଏହା ପରେ ପୁଲିସ ଉପରକୁ ଅତର୍କିତ ଭାବେ ଗୁଳି ଚଳାଇଥିଲା। ପୁଲିସ ପାଖରେ ଆତ୍ମସମର୍ପଣ କରିବା ବଦଳରେ ସେ କ୍ରମାଗତ ଗୁଳି ଚାଳନା କରିଥିଲା। ପୁଲିସ ନିଜକୁ ବଚାଂଇବା ପାଇଁ ଗୁଳିମାଡ଼ର ଜବାବ ଦେଇଥିଲା। ପୁଲିସର ଗୁଳିମାଡ଼ରେ ବଟିଂ ସୁନା ଆହତ ହୋଇଥିଲା। ତାକୁ ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାରକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରୁ କାର (ଟାଟା ଟିଆଗୋ), ଗଂଜେଇ, ଏଟିଏମ୍ କାର୍ଡ, ନଗଦ ଟଙ୍କା ଏବଂ ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ବଟିଂ ନାରେ ଚୋରି, ଡକାୟତି, ରାହାଜାନୀ, ଲୁଟ୍ ଆଦି ୧୬ଟି ମାମଲା ଅଛି। ସୂଚନାଯୋଗ୍ୟ, ଗତକାଲି ଭୋର ସକାଳୁ ପୁଲିସ ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ମନୀଷ ସାହୁ ଆହତ ହୋଇଥିଲା। ଆହତ ମନୀଷକୁ ସମ୍ବଲପୁର ପୁଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତି କରିଛି। ଅପରାଧୀ ମନୀଷ ବିରୋଧରେ ଚୋରି, ଡକାୟତି ଭଳି ୧୪ଟି ମାମଲା ରହିଛି। ଏଥି ସହିତ ଅନ୍ୟ ୩ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ପୁଲିସ କହିଛି ଶନିବାର-ରବିବାର ରାତିରେ ବୁର୍ଲା ପିଏସ୍ କର୍ମଚାରୀମାନେ ବୁର୍ଲାର ପ୍ଲାନେଟାରିୟମ୍ ଛକ ନିକଟରେ ଯାନବାହାନ ଯାଂଚ କରୁଥିଲେ। ପ୍ରାୟ ସକାଳ ୫ଟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାର୍ଶ୍ୱରୁ ଆସୁଥିବା ଏକ ସ୍ୱିଫ୍ଟ କାରକୁ ଅଟକାଇବାକୁ ସଙ୍କେତ ଦିଆଯାଇଥିଲା। କିନ୍ତୁ ଡ୍ରାଇଭର ଡାହାଣ ଡାଇକ୍ ରାସ୍ତା ଆଡ଼କୁ ଫେରାର ହେଉଥିଲା। ଏହି ସମୟରେ ପୁଲିସ ଏନ୍‌କାଉଣ୍ଟର କରିଥିଲା।

ରାଜସ୍ୱ ମନ୍ତ୍ରୀଙ୍କ ହକି ଷ୍ଟାଡ଼ିୟମ ପରିଦର୍ଶନ

ଝାରସୁଗୁଡା,୨୪/୫(ନି/ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସରକାରୀ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଥିବାବେଳେ ଏଚ୍. କଟାପାଲିସ୍ଥିତ ହକି ଷ୍ଟାଡ଼ିୟମ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଷ୍ଟାଡ଼ିୟମରେ ଚାଲିଥିବା ଟର୍ଫ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହିତ ଅଫିସ ଗୃହ ପରିଦର୍ଶନ କରିଥିଲେ। ଷ୍ଟାଡ଼ିୟମର ଉନ୍ନତି ଓ ଖେଳାଳିମାନଙ୍କ ପାଇଁ ଆବଶ୍ୟକ ସୁବିଧା ବୃଦ୍ଧି ନେଇ ସମ୍ପୃକ୍ତ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ବର୍ଷ ଆନ୍ତଃ ରାଜ୍ୟ ସ୍କୁଲ ହକି ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ୧୪ ବର୍ଷ ବର୍ଗର ଖେଳାଳି ସାହିଦ ନାଏକ ଓ ୧୬ ବର୍ଷ ବର୍ଗର ଖେଳାଳି ବିବେକ ନାଏକଙ୍କୁ ମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ରାଜ୍ୟ ଓ ଦେଶ ପାଇଁ ଖେଳି ଜିଲ୍ଲାର ନାମ ଉଜ୍ଜ୍ୱଳ କରିବାକୁ ସେ ଉତ୍ସାହିତ କରିଥିଲେ।

ଠକେଇ ମାମଲାରେ ଜଣେ ଗିରଫ

ଜୟପୁର, ୨୪/୫(ନି/ପ୍ର): ଠକେଇ ମାମଲାରେ ଜଣେ ଅଭିଯୁକ୍ତ କୁ ଗିରଫ କଲା ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀ କାନ୍ତ ପଣ୍ଡା । ଏନେଇ ଆଜି ଜୟପୁର ଟାଉନ ଥାନା ରେ ସାମ୍ବାଦିକ ସମ୍ମିଳନୀ କରି ଏସଡ଼ିପିଓ ଅର୍ପିତା ମିତଲ ସୂଚନା ଦେଇଛନ୍ତି। ସୂଚନା ଅନୁଯାଇ ୨୦୨୬ ମସିହା ମେ ୧୧ ତାରିଖ ଦିନ, ଜୟପୁରର ନୂଆ ସାହିର ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ ସେମାନଙ୍କ ଗଳିରେ ରହୁଥିବା ଲକ୍ଷ୍ମୀକାନ୍ତ ପଣ୍ଡା ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନାମରେ ବ୍ୟାଙ୍କ ଖାତା ଖୋଲିବା, ରିହାତି ଦରରେ ଋଣ ଯୋଗାଇବା, ଶୀଘ୍ର ଋଣ ବଂଟନ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଓ ଆଶ୍ୱାସନା ପାଇ ଲୋକମାନେ ତାଙ୍କୁ ନଗଦ ଟଙ୍କା ଓ ଅଳଙ୍କାର ଦେଇଥିଲେ । କିଛିଦିନେ ସେମାନେ ଦେଖିଲେ ଯେ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଫୋନ୍ ସ୍ୱିଚ୍ ଅଫ୍ ଅଛି ଏବଂ ସେ ଅଂଚଳରୁ ଫେରାର ହୋଇଯାଇଛନ୍ତି। ଏହି ମାମଲାକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଲା ଯେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଭଳି ଜିଲ୍ଲାରେ ଅନେକ ଅଭିଯୋଗ ଦାଖଲ ହୋଇଛି । ସେ ଜଣେ ଫେରାର ଅଭିଯୁକ୍ତ ଥିଲେ ଏବଂ ବାଲେଶ୍ୱର ଜିଲ୍ଲାରେ ତାଙ୍କ ବିରୋଧରେ ଏନବିଡବ୍ଲୁ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା । ବିଶ୍ୱସ୍ତ ଗୁଇନ୍ଦା ସୂଚନା ଏବଂ ସାଇବର ସେଲରୁ ତଥ୍ୟ ଆଧାରରେ ଟିମ୍ ଅଭିଯୁକ୍ତ ଜଣକ ରାଉରକେଲାରେ ଥିବା ଜାଣିବାକୁ ପାଇଥିଲା । ସୂଚନା ଆଧାରରେ ଏକ ଟିମ ଅଭିଯୁକ୍ତ କୁ ଗିରଫ ପାଇଁ ରାଉରକେଲା ଯାଇ ଗିରଫ କରିଥିଲା । ଅଭିଯୁକ୍ତ ଠାରୁ ପୋଲିସ ମୋଟ ୨୦ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ୩.୯୨ ଲକ୍ଷ ଟଙ୍କା ନଗଦ, ୧୩ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର, ଗୋଟିଏ ହେରା ଗ୍ଲାମର ମୋଟରସାଇକେଲ, ଏବଂ ଅପରାଧରୁ ଅର୍ଜିତ ଟଙ୍କାରେ କିଣାଯାଇଥିବା ଅନ୍ୟାନ୍ୟ ସାମଗ୍ରୀ ଯେପରିକି ଏସି , ଫର୍ଣ୍ଣିଚର, କମ୍ପ୍ୟୁଟର ଆଦି ରହିଛି। ଏହା ସହିତ ୧୭ ଟି ଥିବା ଆଇଏମଇ ଆଇ ୯ ଟି ମୋବାଇଲ୍ ହ୍ୟାଣ୍ଡସେଟ୍ ଏବଂ ୭ ଟି ସିମ୍ କାର୍ଡ ମଧ୍ୟ ଜବତ କରାଯାଇଥିଲା । ପୋଲିସ ତାଙ୍କ ଘରୁ ୩୧ ଟି ଅତିରିକ୍ତ ସିମ୍ କାର୍ଡ ସହିତ ୩ ଟି ମେମୋରୀ କାର୍ଡ ମଧ୍ୟ ପାଇଥିଲା । ପ୍ରମାଣ ଆଧାରରେ ପୋଲିସ ଟିମ୍ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କୁ ବିଏନଏସ ଧାରା ୩୧୬/୩୧୮/୧୧୧ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା । ଆର୍ଥିକ ଅପରାଧର ଗମ୍ଭୀରତା ଏବଂ ଅଭିଯୁକ୍ତଙ୍କ ବାରମ୍ବାର ଅପରାଧ କରିବାର ଅଭ୍ୟାସକୁ ଦୃଷ୍ଟିରେ ରଖି ୧୧୧(୨)(ବି) ଧାରା ମଧ୍ୟ ଯୋଡାଯାଇଛି । ଏଥିସହିତ ଯେତେବେଳେ କେହି ଆପଣଙ୍କୁ ଶୀଘ୍ର ଲାଭ କିମ୍ବା ରିହାତି ସୁଧରେ ଋଣ ଦେବାର ପ୍ରତିଶ୍ରୁତି ଦିଅନ୍ତି, ସଚେତନ ରୁହନ୍ତୁ, କାରଣ ଏହା ସମ୍ଭବତଃ ଏକ ଠକେଇ,. କେବେବି କାହାକୁ ଓଟିପି ସେୟାର କରନ୍ତୁ ନାହିଁ, ଡିଜିଟାଲ ମାଧ୍ୟମରେ ପେମେଂଟ କରନ୍ତୁ, କାରଣ ଏହା ଟ୍ରେସ୍ କରିବାରେ ସାହାଯ୍ୟ କରେ ଏବଂ ଏକ ପ୍ରମାଣ ଭାବରେ ମଧ୍ୟ କାର୍ଯ୍ୟ କରେ, କେବଳ ପ୍ଲେ ଷ୍ଟୋର କିମ୍ବା ଆପ୍ପ ଷ୍ଟୋର୍ରେ ମାଧ୍ୟମରେ ହିଁ ଅଧିକୃତ ଟଟଓ ଆପ୍ ଡାଉନଲୋଡ୍ କରନ୍ତୁ, କୌଣସି ଲିଙ୍କ୍ / ଏପିକେ ଫାଇଲ୍ ମାଧ୍ୟମରେ ନୁହେଁ, କାରଣ ସେଗୁଡ଼ିକ ମୋଟେ ସୁରକ୍ଷିତ ନୁହେଁ ବୋଲି ଏସଡ଼ିପିଓ ସଚେତନତା କରିଛନ୍ତି ।

ଫିଟ୍ ଇଣ୍ଡିଆ ମୁଭମେଂଟ : ସନଡେ ଅନ୍ ସାଇକେଲର ୭୫ତମ ସଂସ୍କରଣ

ରାଉରକେଲା,୨୪/୫(ନି/ପ୍ର): ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନରେ ଆରମ୍ଭ କରାଯାଇଥିବା ଫିଟ୍ ଇଣ୍ଡିଆ ମୁଭମେଂଟ ମିସନ୍ ଅଧିନସ୍ଥ ୭୫ତମ ସଂସ୍କରଣରେ ଆଜି ରାଉରକେଲା ପୋଲିସ୍ ପକ୍ଷରୁ ସନଡେ ଅନ୍ ସାଇକେଲ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ରାଇଟ୍ ଟୁ-ଡେ ହେଲଦିଇର ଟୁମୋରୋ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ସହିତ ନିଜକୁ ସୁସ୍ଥ ରଖିବା ତଥା ଆସନ୍ତା କମନୱେଲଥ ଗେମ୍ସ ୨.୦ ଏବଂ ୩.୦ ପ୍ରସ୍ତୁତି ପାଇଁ ରାଉରକେଲା ପୋଲିସ୍ ପକ୍ଷରୁ ଏହି ସନଡେ ଅନ୍ ସାଇକେଲ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ସନଡେ ଅନ୍ ସାଇକେଲ କ୍ୟାମ୍ପେନରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଏବଂ ପଶ୍ଚିମାଂଚଳ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟଙ୍କ ସମେତ ସମସ୍ତ ପୋଲିସ୍ କର୍ମଚାରୀ ଏବଂ ସାଧାରଣ ଲୋକମାନେ ମଧ୍ୟ ସାଇକେଲ ଚଳାଇଥିଲେ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରାଉରକେଲା ସହରରେ ରବିବାର ସକାଳେ ରାଉରକେଲା ଏସପି ନୀତେଶ ୱାଧୱାନିଙ୍କ ନେତୃତ୍ୱରେ 'ସନଡେ ଅନ୍ ସାଇକେଲ' କ୍ୟାମ୍ପେନର ୭୫ତମ ସଂସ୍କରଣ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତେ ରାଜରାସ୍ତାରେ ସାଇକେଲ ଚଳାଇଥିଲେ। ଉଦ୍ଦେଶ୍ୟ ହେଲା ସାଇକେଲ ଚଳାଇ ବା ଶାରୀରିକ ବ୍ୟାୟାମ ମାଧ୍ୟମରେ ଫିଟ୍ ରହିବା। ଏହି କାର୍ଯ୍ୟକ୍ରମରେ ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ୟାମ୍ପେନକୁ ଆରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ "ରାଇଡ୍ ଟୁଡେ, ଫିଟ୍ ଟୁମୋରୋ" ସ୍ଲୋଗାନ୍ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ହାତୀବାରି ପୋଲିସ୍ ପକ୍ଷରୁ ମଧ୍ୟ 'ସନଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମରେ ପୋଲିସଙ୍କ ସମେତ ସାଧାରଣ ଜନତା ମଧ୍ୟ ନିଜକୁ ସୁସ୍ଥ ରଖିବା ତଥା ଗାଡ଼ିର ଇନ୍ଧନ ବଚାଂଇବା ପାଇଁ ସାଇକେଲ ଚଳାଇଥିଲେ।

ସେକ୍ଟର-୧୩ରେ କଳିଙ୍ଗ ୱାରିୟର୍ସ ଏରିନା ପିଲାମାନଙ୍କୁ ଦେଉଛି ବୁଶୁ ପ୍ରଶିକ୍ଷଣ

ରାଉରକେଲା,୨୪/୫(ନି/ପ୍ର): କଳିଙ୍ଗ ୱାରିୟର୍ସ ଏରିନା ଆର୍ଟ ଏଣ୍ଡ ସ୍ପୋର୍ଟସ ପକ୍ଷରୁ ସେକ୍ଟର-୧୩ରେ ପିଲାମାନଙ୍କୁ ନିୟମିତ ବୁଶୁ (ଡଙ୍କସ୍ୱଷଙ୍କ) ପ୍ରଶିକ୍ଷଣ ଦିଆଯାଉଛି। କୋଚ୍ ସାଜନ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୦ରୁ ଅଧିକ ପିଲା ଏହି ପ୍ରଶିକ୍ଷଣ ନେଉଛନ୍ତି। ଓରିଜିନାଲ ପାୱାର କ୍ଲବର ସଭାପତି ତଥା କ୍ରୀଡ଼ାପ୍ରେମୀ ଓପି ସିଂ ପ୍ରଶିକ୍ଷଣ ସ୍ଥଳରେ ପହଚିଂ ପିଲାମାନଙ୍କର କ୍ରୀଡ଼ା ପ୍ରଦର୍ଶନ ଦେଖିଥିଲେ। ସେ କହିଛନ୍ତି ଯେ, ଛୋଟ ଛୋଟ ପିଲାମାନଙ୍କର ଉତ୍ସାହ ଓ ନିଷ୍ଠା ପ୍ରଶଂସନୀୟ। ବିଶେଷ କରି ଝିଅମାନଙ୍କର ଆତ୍ମରକ୍ଷା କୌଶଳ ଏବଂ ଜଜ୍ ?ବା (ମନୋବଳ) ଖୁବ୍ ସୁନ୍ଦର ଥିଲା। ଓପି ସିଂ କହିଛନ୍ତି ଯେ, ଆଗାମୀ ଦିନରେ ସୁନ୍ଦରଗଡ଼ର ଝିଅମାନେ ସହର ତଥା ରାଜ୍ୟର ନାମ ଗୌରବାନ୍ୱିତ କରିବେ। ସେମାନଙ୍କର ଏହି ଜଜ୍‌ବାକୁ ସଲାମ। ଏହା ସହିତ ସେ ସୂଚନା ଦେଇଛନ୍ତି ଯେ, ଖୁବ୍ ଶୀଘ୍ର କଳିଙ୍ଗ ୱାରିୟର୍ସ ସହ ମିଶି ଏକ କୁସ୍ତି ପ୍ରଶିକ୍ଷଣ ଶିବିର ଖୋଲିବା ପାଇଁ ମଧ୍ୟ ବିଚାର ବିମର୍ଶ ଚାଲିଛି।

ଉଦାହରଣ ଟ୍ରଷ୍ଟ ର ଚତୁର୍ଥ ସହିଦ୍ ସମ୍ମାନ ସମାରୋହ

ରାଉରକେଲା,୨୪/୫(ନି/ପ୍ର): ସହିଦ୍‌ଙ୍କ ପ୍ରତି ସମର୍ପିତ ଥିବା ଉଦାହରଣ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ସହିଦ୍ ସମ୍ମାନ ସମାରୋହ ସ୍ଥାନୀୟ ସିଭିକ ସେଂଟର୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଟ୍ରଷ୍ଟ ର ଅଧ୍ୟକ୍ଷ ପ୍ରାକ୍ତନ ସିଆରପିଏଫ ଡିଆଇଜି ଦୟାନିଧି ତନ୍ତୀ ଙ୍କ ଅଧ୍ୟକ୍ଷତା , ସାଧାରଣ ସମ୍ପାଦକ ଶଙ୍କର ଜେନା ଙ୍କ ଆବାହକତ୍ୱ, ଟ୍ରଷ୍ଟି ତଥା କୋଷାଧ୍ୟକ୍ଷ ରୋହିତ ମହାନନ୍ଦିଆ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶୁଭଶ୍ରୀ ଦାସ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ,ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ , ପ୍ରାକ୍ତନ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି, ସମାଜସେବୀ କମଳ ଅଗ୍ରୱାଲ,ହର୍ଷ ଖେଦେଡିଆ, କୌଶିକ ସୁନ୍ୟାନୀ, ନିମୁ ଜୈନ,ଆଶା ତନ୍ତୀ, ତାରାଚାନ୍ଦ ପଟ୍ଟନାୟକ,ଅନୁଶ୍ରୀ ଦାସ, ସନ୍ଧ୍ୟା ଲାକ୍ରା, ସୁପ୍ରଭା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଏହା ପ୍ରକୃତରେ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ। ଚଳିତ ବର୍ଷ ୬ଜଣ ସହିଦ୍ ପରିବାରକୁ ସମ୍ମାନିତ କରାଯାଇଥିଲା । କଟକ ନିଆଳି ର ସହିଦ ମନୋଜ କୁମାର ବେହେରା, ସୁନ୍ଦରଗଡ ର ସହିଦ ଅନିଲ ଏକ୍କା, ବରଗଡ଼ ର ସହିଦ ନୀଳାଚଂଳ ପଟେଲ ଓ ସହିଦ୍ ସଞ୍ଜୟ କୁମାର ବାଗ୍, କେନ୍ଦୁଝର ର ସ୍ୱହିଦ ବ୍ରଜମୋହନ ବେହେରା ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ ସହ ଆର୍ଥିକ ସହାୟତା କରାଯାଇଥିଲା। ଏହି ଅବସରରେ ରାହୁଲ ଡ୍ୟାନ୍ସ ଏକାଡେମୀ ଓ ଦେବକୃପା ଡ୍ୟାନ୍ସ ଗ୍ରୃପ ତରଫରୁ ଦେଶାତ୍ମବୋଧ ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ଓ ସ୍ମିତା ମିଶ୍ର ପ୍ରମୁଖ ଜାତୀୟ ସଂଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ତନ୍ତୀ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ, ଇଂ ବିମଳ ବିଶି, ଶଙ୍କର ଜେନା,ଡ ହୃଷିକେଶ ନାଏକ,ଅସିମ କୁମାର ସାବତ, ରୋହିତ ମହାନନ୍ଦିଆ ପ୍ରମୁଖ ଅନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ତନ୍ତୀଙ୍କ ବ୍ୟତୀତ ଇଂ ବିମଳ କୁମାର ବିଶି, ଚନ୍ଦ୍ରଶେଖର ଶତପଥୀ, ଶଙ୍କର ଜେନା, ଡ ହୃଷିକେଶ ନାୟକ, ଏ କେ ସାବତ,ରୋହିତ ମହାନନ୍ଦିଆ, ସଞ୍ଜୟ କୁମାର ପ୍ରଧାନ, କୁଞ୍ଜବିହାରୀ ରାଉତ, ଜିତେନ୍ଦ୍ର ତନ୍ତୀ, ଜଗନ୍ନାଥ ପାତ୍ର , ମଥୁରା ତନ୍ତୀ, ବିଶ୍ୱଜିତ ଜେନା, ସନ୍ତୋଷ ଗରଡିଆ ,ଲିପିରାଣୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରୋହିତ ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ ।

କୋରାପୁଟରେ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ଉଦ୍‌ଯାପିତ

ଜୟପୁର, ୨୪/୫(ନି/ପ୍ର): ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନ ଆନୁକୂଲ୍ୟରେ ଓ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଦୁଇଦିନିଆ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ଆଜି କୋରାପୁଟ ସଦଭାବନା ସଭାଗୃହରେ ଉଦଯାପିତ ହୋଇଯାଇଛି। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଅବସରପ୍ରାପ୍ତ ସରକାରୀ ପୋଲିସ କର୍ମଚାରୀଙ୍କର ୪୮୬ଟି ପେନସନ, ଭବିଷ୍ୟନିଧି ଓ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗର ଶୁଣାଣି କରାଯାଇଥିଲା। କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା, ଉପ ମହାଲେଖାକାର ଶୁଭମ ବୈଜ୍ୟନାଥ ସ୍ୱାମୀ, ଯୁଗ୍ମ ଶାସନ ସଚିବ ଅସିତ କୁମାର ପାଣି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନ୍ୱିତ ମହାନ୍ତି, ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର ଓ ଅଭିଜିତ କୁମାର ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅଭିଯୋଗ ଶୁଣିଥିଲେ। ଆରକ୍ଷୀ ଅଧୀକ୍ଷକ ଶ୍ରୀ ବର୍ମା ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ଠିକ ସମୟରେ ମିଳିବା ଓ ଅବସର ପୂର୍ବରୁ ପେନସନ ଆବେଦନ ମହାଲେଖାକାର କାର୍ଯ୍ୟାଳୟରେ ପହଂଚିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ମହାଲେଖାକାର ଓ ନିର୍ଦ୍ଦେଶକ ଅବସରକାଳୀନ ପ୍ରାପ୍ୟ ଆବେଦନ ସଠିକ ଭାବେ ମଞ୍ଜୁର କରି ପଠାଇବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଫଇସଲା କରାଯାଇଥିବା ପେନସନ ମଞ୍ଜୁର ଆଦେଶ ପତ୍ର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ଲେଖା ଅଧିକାରୀ ଅଭିଜିତ କୁମାର, ସହକାରୀ ଲେଖା ଅଧିକାରୀମାନେ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶ୍ରାଦ୍ଧ ପାଳନ ବେଳେ ଦୁଃଖଦ ରୂପ :

ଖାଦ୍ୟ ବିଷାକ୍ତ ଯୋଗୁଁ ସନ୍ଦେହଜନକ ଭାବରେ ୪ ଜଣଙ୍କ ମୃତ୍ୟୁ ଏବଂ ୧୭ ଅସୁସ୍ଥ

ସୁନ୍ଦରଗଡ,୨୪/୫(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକ ଅନ୍ତର୍ଗତ ନୂଆଡିହି ଗ୍ରାମରେ ଏକ ଶ୍ରାଦ୍ଧ ଭୋଜି ପରେ ସନ୍ଦେହଜନକ ଖାଦ୍ୟ ବିଷାକ୍ତ ଯୋଗୁଁ ଏକ ଦୁଃଖଦ ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହିତ ଅତି କମରେ ୧୭ ଜଣ ଗୁରୁତର ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ଏହି ଦୁଃଖଦ ଘଟଣା ଘଟିଛି ଶନିବାର ଦିନ ସୁନ୍ଦରଗଡ ନୂଆଡିହି ଗ୍ରାମରେ। ସେଠାରେ ଆୟୋଜିତ ଏକଦଶାହ ଭୋଜି(ଶ୍ରାଦ୍ଧ ଭୋଜି)ରେ ଗାଁ ଲୋକମାନେ ଯୋଗ ଦେଇଥିଲେ। କିନ୍ତୁ, ଖାଦ୍ୟ ଖାଇବାର କିଛି ସମୟ ପରେ, ଅନେକ ବ୍ୟକ୍ତିଙ୍କର ପ୍ରବଳ ବାନ୍ତି, ପେଟ ଯନ୍ତ୍ରଣା ଏବଂ ଖାଦ୍ୟ ବିଷାକ୍ତତା ସହିତ ଜଡିତ ଅନ୍ୟାନ୍ୟ ଲକ୍ଷଣ ଦେଖାଯାଇଥିଲା। ପୀଡିତଙ୍କ ଅବସ୍ଥା ଦ୍ରୁତ ଖରାପ ହେବାରୁ, ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଭାଗ୍ୟବଶତଃ, ଚିକିତ୍ସା ସମୟରେ ୪ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ମୃତକଙ୍କ ମଧ୍ୟରେ ରହିଛନ୍ତି, ସୁନ୍ଦରଗଡ ନୂଆଡିହି ଗ୍ରାମର ମଙ୍ଗଳ ସାଇ ନାୟକ ଏବଂ ହେମଗିରର ରାୟବାରୀ ପ୍ରଧାନ ବୋଲି ଚିହ୍ନଟ କରାଯାଇଛି। ଅନ୍ୟ ୨ ଜଣ ମୃତକଙ୍କ ମଧ୍ୟରେ ଝାରସୁଗୁଡା ଜିଲ୍ଲାର ଉଲ୍ଲାସ ଖାଡିଆ(୪୦) ଏବଂ ମଙ୍ଗଳ ଖାଡିଆଙ୍କ ପତ୍ନୀ ସୁକାନ୍ତୀ ଖାଡିଆ(୬୦) ବର୍ଷ। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ ଖାଦ୍ୟ ବିଷାକ୍ତତା କାରଣରୁ ମୃତ୍ୟୁ ହୋଇଥାଇପାରେ। ଏହି ଘଟଣାରେ ପ୍ରାୟ ୧୭ ଜଣ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ହେମଗିର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ଝାରସୁଗୁଡା ଜିଲ୍ଲାର ଚାରି ଜଣ ଗୁରୁତର ରୋଗୀ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଝାରସୁଗୁଡାରେ ଚିକିତ୍ସାଧୀନ ଗୁରୁତର ରୋଗୀମାନେ ହେଉଛନ୍ତି ଫକିର ଖାଡିଆ (୬୨), ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡଐଐ)ରେ ଚିକିତ୍ସାଧୀନ ମଞ୍ଜରୀ ଖାଡିଆ (୩୧), ଝାରସୁଗୁଡାର ସମଲେଶ୍ୱରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ଆଞ୍ଜେଲିନା ଖାଡିଆ (୧ ବର୍ଷ ୧୧ ମାସ), ଝାରସୁଗୁଡାର ସମଲେଶ୍ୱରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ରଶ୍ମି ଖାଡିଆ (୧୧ ବର୍ଷ), ଝାରସୁଗୁଡାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡଐଐ)ରେ ଚିକିତ୍ସିତ ହେଉଥିବା ପୀଡିତଙ୍କ ମଧ୍ୟରେ ଏକ ୨୩ମାସର ଶିଶୁକନ୍ୟା ଏବଂ ଏକ ୧୧ ବର୍ଷୀୟ ନାବାଳିକାଙ୍କ ଚିକିତ୍ସା ଅଂଚଳରେ ଚିନ୍ତା ଏବଂ ଦୁଃଖକୁ ଆହୁରି ତୀବ୍ର କରିଛି। ଘଟଣା ବିଷୟରେ ସୂଚନା ପାଇବା ପରେ, ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତୁରନ୍ତ ନୂଆଡିହି ଗ୍ରାମରେ ପହଚିଂ ପରିସ୍ଥିତି ଉପରେ ନଜର ରଖିବା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀମାନେ ଅତିରିକ୍ତ ପ୍ରଭାବିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଘରକୁ ଘର ଯାଚଂ କରୁଛନ୍ତି। ଏହି ସନ୍ଦେହଜନକ ବିଷକ୍ରିୟାର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ପରୀକ୍ଷାଗାରକୁ ଖାଦ୍ୟ ନମୁନା ସଂଗ୍ରହ କରି ପଠାଇବା ପାଇଁ ଆଶା କରାଯାଉଛି। ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଘଟଣାର ମିଳିତ ତଦନ୍ତ ଆରମ୍ଭ କରିଛନ୍ତି।ଏହି ଦୁଃଖଦ ଘଟଣା ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ସ୍ଥାନୀୟ ଲୋକମାନେ ଏହି ସାମୂହିକ ଖାଦ୍ୟ ବିଷାକ୍ତତାର କାରଣର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି।

ଅଜଣା ରୋଗରେ ୫୦ରୁ ଉର୍ଦ୍ଧ୍ୱ ଗାଈ ମଡ଼କ

କେନ୍ଦ୍ରାପଡ଼ା,୨୪/୫(ନି/ପ୍ର): ଅଜଣା ରୋଗରେ ୫୦ରୁ ଉର୍ଦ୍ଧ ଗାଈ ମଡ଼କ ଅଜଣା ରୋଗ ଖାଲି କରି ଦେଇଛି ଗୋଠ। ଦୁଇ ମାସ ମଧ୍ୟରେ ୫୦ ରୁ ଉର୍ଦ୍ଧ ଗାଈ ମାରିଥିବା ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସହିରା ପଂଚାୟତ ଅଙ୍ଗାରଖିଅ ଗ୍ରାମରେ ଗାଈ ପାଳୁଥିବା ଲୋକେ କହିଛନ୍ତି। ସେମାନଙ୍କ କହିବା ଅନୁସାରେ କାହାର ଗୋଟେ ଗାଈ ତ କାହାର ସମ୍ପୂର୍ଣ୍ଣ ଗୋଠ ଖାଲି ହୋଇଯାଇଛି। ଏକାଧିକ ଗାଈ ମୃତ ପରେ ଗାଈ ପାଳକଙ୍କ ମଧ୍ୟରେ କୋକୁଆ ଭୟ ଦେଖା ଦେଇଛି। ଗତ ଦୁଇ ଦିନରେ ଦୁଇଟି ଗାଈ ମୃତ ବରଣ କରିଛନ୍ତି । ଦୁଇମାସ ମଧ୍ୟରେ ସୁଶାନ୍ତ ପରିଡାଙ୍କ ୧୧ ଟି, ସନାତନ ବେହେରାଙ୍କ ୬ ଟି, ବିଷ୍ଣୁ ଦାସଙ୍କ ୧ଟି, ଶରତ ପରିଡାଙ୍କ ୬ ଟି, ବିଶ୍ୱନାଥ ବେହେରାଙ୍କ ୩ଟି ଏଭଳି ଅନେକ ଗାଈ ମାରିଥିବା ନେଇ ଅଭିଯୋଗ କରିଛନ୍ତି ଗାଈ ପାଳକ। ଗାଈ ପାଳକଙ୍କ କହିବା ଅନୁସାରେ ସେମାନଙ୍କ ପରିବାର ଗାଈରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ଯେତିକି ଗାଈ ମୃତ୍ୟୁବରଣ କରିଛନ୍ତି ସମସ୍ତେ କ୍ଷୀର ଦେଉଥିଲେ । ଗୋଟେ ପରେ ଗୋଟେ ଗାଈ ମୃତ ବରଣ କରିବା ପରେ ସେମାନେ ପ୍ରାଣୀ ଚିକିତ୍ସାକୁ ଅବଗତ କରିଥିଲେ ସୁଦ୍ଧା ସେମାନଙ୍କୁ ବିଭାଗ ତରଫରୁ କୌଣସି ସୁବିଧା ମିଳିନି। ଓଲଟା ପ୍ରାଣୀ ଚିକିତ୍ସକ ଗାଈକୁ ସେବା ଯୋଗାଇ ଦେବା ପରିବ୍ରତେ ସେମାନଙ୍କୁ ଟଙ୍କା ମାଗିଥିବା ନେଇ ଗାଈ ପାଳକ ଅଭିଯୋଗ କରିଛନ୍ତି। ଆଜି ଅଫିସ ଛୁଟି ଥିବାରୁ ଏନେଇ ଆମେ ପ୍ରାଣୀ ଚିକିତ୍ସଙ୍କ ସହିତ ଫୋନ ରେ କଥା ହେଉଥିଲୁ ସେ କହିଛନ୍ତି ଏନେଇ ସେ ଅବଗତ ଅଛନ୍ତି ଘଟଣା ସ୍ଥଳକୁ ମୋବାଇଲ ଭ୍ୟାନ୍ ପଠାଇ ଗାଈ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଗାଈ ଗୁଡିକ ମଧ୍ୟରେ କୃମି ଅଧିକ ଥିବା ଜଣାପଡିଛି। ଆସନ୍ତା କାଲି ମଧ୍ୟ ମୋବାଇଲ ଟିମ ଘଟଣା ସ୍ଥଳକୁ ପଠାଯିବ। ଏପଟେ ଗାଈ ମୃତ୍ୟୁବରଣ ସେପଟେ ଗାଈ କିଣିବା ପାଇଁ କରିଥିବା କରଜ ସୁଜିନିକ୍ଷ ସେମାନେ ଏବେ କରିବେ କଣ ପରିବାର କେମିତି ଚଳିବେ କେମିତି ସୁଝିବେ କରଜ ଯାହାକୁ ନେଇ ସେମାନେ ଚିନ୍ତାରେ ଭାଙ୍ଗି ପଡିଛନ୍ତି।

ଚୈତନ୍ୟ ନାୟକ ଓ ବାଉରୀବନ୍ଧୁ ସାହୁଙ୍କ ବିୟୋଗରେ ଶୋକସଭା

ରାଉରକେଲା,୨୪/୫(ନି/ପ୍ର): ଆଦର୍ଶ ପାଠାଗାରର ଉପଦେଷ୍ଟା ବାଉରୀବନ୍ଧୁ ସାହୁ ଓ ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘର ବରିଷ୍ଠ କର୍ମକର୍ତ୍ତା ଚୈତନ୍ୟ ନାୟକଙ୍କ ବିୟୋଗରେ କୋଏଲ ନଗର ଆରଏସପି ଅବସର ଭବନ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱ ଓ ସମ୍ପାଦକ ପ୍ରେମାନନ୍ଦ ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଭୟ ଦିବଙ୍ଗତ ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପାଠାଗାରର ସଭାପତି ରାଧାକାନ୍ତ ମିଶ୍ର, ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଂଟିଆ, ଜ୍ୟୋତି ରଞ୍ଜନ ମହାପାତ୍ର, ଡାକ୍ତର ବସନ୍ତ ଦାସ, ଟୁକୁଲା ପାଢ଼ୀ, କୁଞ୍ଜବିହାରୀ ରାଉତ,ଏଟମ ରଥ ଓ ସଂଘ ପକ୍ଷରୁ ସର୍ବଶ୍ରୀ ସୁରେନ୍ଦ୍ର କୁମାର ରାଉତ, ଅନିରୁଦ୍ଧ ଦାଶ, ଧନଞ୍ଜୟ ଦାସ, କପିଳେଶ୍ୱର ମହାରଣା, ସତ୍ୟନାରାୟଣ ଦାଶ, ପ୍ରେମାନନ୍ଦ ସାମଲ ପ୍ରମୁଖ ଦିବଙ୍ଗତ ଉଭୟଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତିତ୍ୱ କରୁଥିବା ଇଂ ଦାସ ଓ ସମସ୍ତ ବକ୍ତା ସ୍ୱର୍ଗତ ନାୟକ ଓ ସ୍ୱର୍ଗତ ସାହୁଙ୍କ ସମ୍ପର୍କରେ ମତ ରଖି କହିଲେ ଯେ ଉଭୟ ଥିଲେ ସହରର ଉନ୍ନତ ବ୍ୟକ୍ତିତ୍ୱ। ସେମାନଙ୍କ ଆଦର୍ଶ ଓ ନୀତି ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଭାଷା , ସଂସ୍କୃତି ବଚାଂଇ ରଖିବା ପାଇଁ ଶ୍ରୀ ସାହୁ ଥିଲେ ଉତ୍ସର୍ଗୀକୃତ। ଉଭୟ ଦିବଙ୍ଗତ ଙ୍କ ସ୍ୱପ୍ନ କୁ ପୂରଣ କରିପାରିଲେ ତାହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ଉଭୟଙ୍କୁ ସମର୍ପଣ କରି କବି କୁଞ୍ଜବିହାରୀ ରାଉତ କବିତା ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଗଗନ ବିହାରୀ ଧଳ, ରାଧାନାଥ ରାଉତ, କୃଷ୍ଣଚନ୍ଦ୍ର ମହାନ୍ତି,ପ୍ରସନ୍ନ ଶତପଥୀ,ବି ରାଉତ, ସଚ୍ଚିଦାନନ୍ଦ ମିଶ୍ର, ଅକ୍ଷୟ ସାମଲ,ନକୁଳ ଲୋହାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭାପତି ଇଂ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ପୁଷ୍ପାଞ୍ଜଳି ନୃତ୍ୟ ମହୋତ୍ସବ ୨୦୨୬ ସମ୍ପନ୍ନ

ରାଉରକେଲା,୨୪/୫(ନି/ପ୍ର): ଶ୍ରୀ ଶ୍ରୀ ଜଗନ୍ନାଥ କଳା ପରିଷଦ ରାଉରକେଲା ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ ପୁଷ୍ପାଞ୍ଜଳି ନୃତ୍ୟ ମହୋତ୍ସବ ୨୦୨୬ ସ୍ଥାନୀୟ ସିଭିକ ସେଂଟର୍ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅନିତା ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ସବିତା ମିଶ୍ରଙ୍କ ଆବାହକତ୍ୱ ସମ୍ପାଦିକା ପୁଷ୍ପା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସୁଚିତ୍ରା ଲେଙ୍କା,ଓମପ୍ରକାଶ ବାପୁଡିଆ,ପୁରନମଲ ଅଗ୍ରୱାଲ, ନର୍ମଦା ସାହୁ, ପ୍ରଦୀପ କୁମାର ପଟ୍ଟନାୟକ ଓ ଆନନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା, ସ୍ୱତନ୍ତ୍ର ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ପ୍ରାକ୍ତନ ସାଂସଦ ତଥା ଚଳଚ୍ଚିତ୍ର ଅଭିନେତା ମୁନ୍ନା ଖାଁନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଚିତ୍ରା ଲେଙ୍କା, ସମ୍ମାନିତ ଅତିଥି ଭାବେ ନଜିମା କାନେକର, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମଳୟ ମଣ୍ଡଳ, ଜିଲ୍ଲା ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ସମାଜସେବୀ କମଳ ଅଗ୍ରୱାଲ ଓ ସୋଏବ ଆଲାମ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ନୃତ୍ୟ ସଂସ୍କୃତି ପ୍ରତି ସମର୍ପିତ ମନୋଭାବକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଡ ସମର ମୁଦାଲି, କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ଓ ନୃତ୍ୟଗୁରୁ ମାଧବ ଚନ୍ଦ୍ର ପଲେଇ ଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନିଲ୍ ମଲ୍ଲିକ ଓ ଦିନେଶ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜଶ୍ରୀ ସ୍ୱାଇଁ, ଗୀତାଞ୍ଜଳି ପଟ୍ଟନାୟକ, ମୀନତି ମଲ୍ଲିକ, ଅଙ୍ଗୁରବାଳା ଦଳେଇ, ଅନିତା ଦାସ,ରୋଜି ନାୟକ, ସ୍ୱପ୍ନାରାଣୀ ରାଉତ, କଳ୍ପନା ମହାନ୍ତି, ବିଶ୍ୱରଂଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦିକା ପୁଷ୍ପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଗରଦପୁର ବଜାରରେ ପଥଚାରୀଙ୍କୁ ଜଳ ସେବା

କେନ୍ଦ୍ରାପଡ଼ା,୨୪/୫(ନି/ପ୍ର): ଅସହ୍ୟ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ମହେଶ କର ଫାଉଣ୍ଡେସନ ଲଗାତାର ଜଳ ସେବା ଯୋଗାଇଆସୁଛି। ଦୀର୍ଘ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥଚାରୀ ଙ୍କୁ ଶୋଷ ମେଟାଂଇବା ନିମନ୍ତେ ଦହି ସରବତ ଏବଂ ଗ୍ଲୁକୋଜ ପାଣି ବଂଟନ କାର୍ଯ୍ୟକ୍ରମ କରୁଛନ୍ତି। ଶୁକ୍ରବାର ଏହି କାର୍ଯ୍ୟକ୍ରମ ଗରଦପୁର ବଜାର ମଧ୍ୟରେ ଫାଉଣ୍ଡେସନ ପକ୍ଷରୁ ଆୟୋଜନ ହୋଇଥିଲା। ଏଥିରେ ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ ମହାନ୍ତି, ସମାଜସେବୀ ଭାଗିରଥି ଜେନା, ଗୋଲେଖ ଚନ୍ଦ୍ର ପଢ଼ିହାରି, ସାମ୍ବାଦିକ ଦେବଦତ ଦାଶ,